# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୩୧ ◆ ଭୁବନେଶ୍ୱର ◆ ସୋମବାର ◆ ମାର୍ଚ୍ଚ ୨୩ରୁ ମାର୍ଚ୍ଚ ୨୯, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-31 ◆ Bhubaneswar ◆ Monday ◆ March 23 to March 29, 2026 ◆ Page-8 ◆ Price Rs.4.00


## ଏସ୍‌ସିବି ମେଡିକାଲ୍ କଲେଜରେ ବଦଳିଲେ ଡିନ୍, ସୁପରିଟେଣ୍ଡେଣ୍ଟ

ଭୁବନେଶ୍ୱର,(ଜା.ପ୍ର): କଟକ ଏସ୍‌ସିବି ମେଡିକାଲ୍ କଲେଜ ଅଗ୍ନିକାଣ୍ଡରେ ୧୩ ଜଣଙ୍କ ମୃତ୍ୟୁ ଘଟଣାକୁ ନେଇ ବିରୋଧୀ ଗତ କିଛି ଦିନ ହେଲା ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଆସୁଛନ୍ତି। ଏହାରି ଭିତରେ ଏସ୍‌ସିବିରେ ବଡ଼ ଧରଣର ଅଦଳବଦଳ କରାଯାଇଛି। ଏସ୍‌ସିବିର ଡିନ୍ ଓ ସୁପରିଟେଣ୍ଡେଣ୍ଟଙ୍କୁ ବଦଳି କରାଯାଇଛି। ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଜ୍ଞପ୍ତି ଅନୁଯାୟୀ ପ୍ରଫେସର(ଡା.) ପ୍ରତିଭା ପଣ୍ଡାଙ୍କୁ ଏସ୍‌ସିବି ମେଡିକାଲ୍ କଲେଜର ଡିନ୍ ଓ ପ୍ରିନ୍ସପାଲଭାବେ ନିଯୁକ୍ତ କରାଯାଇଛି। ପ୍ରଫେସର(ଡା) ଲୁସି ଦାସଙ୍କ ସ୍ଥାନରେ ପ୍ରତିଭା ପଣ୍ଡାଙ୍କୁ ନିଯୁକ୍ତି ମିଳିଛି। ପ୍ରତିଭା ପଣ୍ଡା ବାରିପଦା ମେଡିକାଲ କଲେଜର ଡିନ୍ ଓ ପ୍ରିନ୍ସପାଲ ଥିଲେ। ଅନ୍ୟପକ୍ଷରେ ପ୍ରଫେସର(ଡା) ଲୁସି ଦାସଙ୍କୁ ଖାଲି ପଡିଥିବା ସିଟିଭିଏସ୍, ଏସ୍‌ସିବି ମେଡିକାଲ କଲେଜ ହସ୍ପିଟାଲର ପ୍ରଫେସର ଭାବେ ଅବସ୍ଥାପିତ କରାଯାଇଛି। ଏହାବ୍ୟତୀତ ସେ ମଧ୍ୟ ଏସ୍‌ସିବିରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ କାର୍ଯ୍ୟ କରିବେ। ସେହିପରି ଏସ୍‌ସିବି ମେଡିକାଲ କଲେଜର ଅର୍ଥୋପେଡିକ୍ ବିଭାଗର ପ୍ରଫେସର ନିର୍ମଳ ଚନ୍ଦ୍ର ମହାପାତ୍ରଙ୍କୁ ବାରିପଦା ମେଡିକାଲ କଲେଜର ଡିନ୍ ଓ ପ୍ରିନ୍ସପାଲଭାବେ ନିଯୁକ୍ତ କରାଯାଇଛି। ସେହିପରି ଏସସିବି ଏମସିଏଚ୍ ସୁପରିଟେଣ୍ଡେଣ୍ଟ ଭାବେ ଏସ୍‌ସିବି ମେଡିକାଲ କଲେଜର ପ୍ରଫେସର ଜ୍ୟୋତିଷ ଚନ୍ଦ୍ର ଚୌଧୁରୀଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜର ଆସୋସିଏଟ୍ ପ୍ରଫେସର ଡା ତାପସ କୁମାର ପ୍ରାଣିଗ୍ରାହୀଙ୍କୁ ସୁନ୍ଦରଗଡ ଜିଏମ୍‌ସିଏଚ୍‌ରେ ଆସୋସିଏଟ ପ୍ରଫେସରଭାବେ ବଦଳି କରାଯାଇଛି। ଏହାଛଡ଼ା ସୁନ୍ଦରଗଡ଼ ଜିଏମ୍‌ସିଏଚ୍‌ର ପ୍ରଫେସର ସତ୍ୟଜିତ ରାଏଙ୍କୁ ଏସ୍‌ସିବି ମେଡିକାଲ୍ କଲେଜରେ ଅର୍ଥୋପେଡିକ୍ ବିଭାଗ ଦାୟିତ୍ୱ ପ୍ରଦାନ କରାଯାଇଛି।

## ଇସ୍ରାଏଲ୍ ଉପରେ ଇରାନ୍‌ର ୪ ମିସାଇଲ୍ ଆଟାକ୍

ନୂଆଦିଲ୍ଲୀ,(ଏଜେନ୍ସି): ଇସ୍ରାଏଲ୍ ଉପରେ ଇରାନ୍ ୪ଟି ବାଲେଷ୍ଟିକ୍ ମିସାଇଲ୍ ଆକ୍ରମଣ କରିଛି। ଟାଇମ୍ସ ଅଫ୍ ଇସ୍ରାଏଲ୍ ଅନୁସାରେ ଏହି ଆକ୍ରମଣରେ ୩୦୦ରୁ ଊର୍ଦ୍ଧ୍ୱ ନାଗରିକ ଆହତ ହୋଇଛନ୍ତି। ଇସ୍ରାଏଲ୍ ବିଦେଶ ମନ୍ତ୍ରଣାଳୟ ଏବଂ ସ୍ୱାସ୍ଥ୍ୟ ସେବାଗୁଡ଼ିକ ଅନୁସାରେ ଆହତଙ୍କ ମଧ୍ୟରେ ଶିଶୁମାନେ ମଧ୍ୟ ସାମିଲ ଅଛନ୍ତି। ଏହା ପୂର୍ବରୁ ଶନିବାର ରାତିରେ ମଧ୍ୟ ଇସ୍ରାଏଲ୍‌ର ସବୁଠୁ ବଡ଼ ପରମାଣୁ ପ୍ଲାଣ୍ଟ ଥିବା ଡିମୋନା ଏବଂ ଅରାଦ ସହର ଉପରେ ଇରାନ୍ ମିସାଇଲ୍ ଆକ୍ରମଣ କରିଥିଲା। ଇରାନ୍‌ର ଏହି ଆକ୍ରମଣ ଟ୍ରମ୍ପ୍‌ଙ୍କ ଧମକ ପରେ ବୃଦ୍ଧି ପାଇଛି।

## ରାଜ୍ୟସ୍ତରୀୟ ବିଶ୍ୱ ଜଳ ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ

# ଦେଲେ ୨୬୧୨ କୋଟିର ପ୍ରକଳ୍ପ ଭେଟି

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟ ସ୍ତରୀୟ ବିଶ୍ୱ ଜଳ ଦିବସ ସମାରୋହ ୨୦୨୬ ସ୍ଥାନୀୟ ଲୋକ ସେବା ଭବନ କନଭେନଶନ ସେଣ୍ଟର୍‌ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ଜଳ ସମ୍ପଦ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ସମୁଦାୟ ୨୬୧୨ କୋଟି ଟଙ୍କାର ବହୁମୂଲ୍ୟ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିମଧ୍ୟରୁ ପ୍ରାୟ ୨୨୯୨ କୋଟି ଟଙ୍କାର ୧୭ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଥିବା ବେଳେ ପ୍ରାୟ ୩୨୦ କୋଟି ଟଙ୍କାର ବ୍ୟୟବରାଦରେ ସମୁଦାୟ ୧୨୪ ଟି ପ୍ରକଳ୍ପର ଶୁଭ ଉଦଘାଟନ ହୋଇଛି।




ଜଳର ଗୋଟିଏ ବୁନ୍ଦା ମଧ୍ୟ ବିଶ୍ୱର ଅନେକ ଲୋକଙ୍କ ପାଇଁ ଦୁର୍ମୂଲ୍ୟ। ତେଣୁ ଜଳର ଗୋଟିଏ ବୁନ୍ଦା ଯେପରି ନଷ୍ଟ ନ ହୁଏ, ସେଥିପାଇଁ ସମସ୍ତଙ୍କୁ ଶପଥ ନେବାକୁ କହି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଶ୍ୱ ଜଳ ଦିବସରେ ଜଳ ଅପଚୟ ନ କରିବାର ବାର୍ତ୍ତା ପ୍ରତିଟି ଘରେ ପହଞ୍ଚିବା ଦରକାର। ପିଲାମାନଙ୍କୁ ସ୍କୁଲରୁ ହିଁ ପାଣି ବଞ୍ଚେଇବାର ଶିକ୍ଷା ଦେବାକୁ ପଡ଼ିବ କାରଣ ସେମାନେ ହିଁ ଆଗାମୀ ଦିନର ଜଳ ସୈନିକ। ଆମେ ପାଣି ନଷ୍ଟ କରିବା ନାହିଁ ଏବଂ ବର୍ଷାପାଣିକୁ ସଞ୍ଚୟ କରି ମାଟିକୁ ସଜଳ ରଖିବା ବାର୍ତ୍ତା ସହ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣ ଆରମ୍ଭ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଜଳ ଜୀବନ ମିଶନ୍‌କୁ ଏକ ବୈପ୍ଲବିକ ଯୋଜନା ବୋଲି କହି ମୁଖ୍ୟମନ୍ତ୍ରୀ ପ୍ରତି ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଜଳାଭାବକୁ ଦୂର କରିବା ବୋଲି ସଂକଳ୍ପ ନେବା ବୋଲି କହିଥିଲେ।

ଜଳ ଶକ୍ତି ଅଭିଯାନ ମାଧ୍ୟମରେ ଜଳ ସଂରକ୍ଷଣକୁ ଏକ ଜାତୀୟ ପ୍ରାଥମିକତା ଭାବେ ଗ୍ରହଣ କରିବା ଏବଂ କ୍ୟାଚ ଦ ରେନ୍ ମାଧ୍ୟମରେ ମହିଳାମାନଙ୍କୁ ଜଳ ଗୁଣବତ୍ତା ପରୀକ୍ଷା ଏବଂ ପରିଚାଳନା ପାଇଁ ପ୍ରଶିକ୍ଷଣ ଦିଆଯାଉଛି। ଏହା ଫଳରେ ଜଳ ସେବା କ୍ଷେତ୍ରରେ ଆମେ କୌଣସି ବି ବର୍ଗଙ୍କୁ ପଛରେ ପକାଇବୁ ନାହିଁ ଏବଂ ସମସ୍ତଙ୍କ ପାଇଁ ସୁଲଭ ଜଳ ଉପଲବ୍ଧ ହେବ। ଜଳ ପରିଚାଳନାରେ ଲିଙ୍ଗଗତ ବୈଷମ୍ୟ ଦୂର କରିବା ସହିତ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଆମର ଲକ୍ଷ୍ୟ ରହିଛି। ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଜଳ ସୁରକ୍ଷା ହେଉଛି ପ୍ରମୁଖ ସର୍ତ୍ତ। ଏଥିପାଇଁ ମହିଳା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଜଳସାଥୀ ଭାବେ ନିୟୋଜିତ କରାଯାଇଛି। ସେଥିପାଇଁ ଚଳିତ ବର୍ଷର ବିଶ୍ୱ ଜଳ ଦିବସର ବିଷୟବସ୍ତୁ ‘ଜଳ ଏବଂ ଲିଙ୍ଗଗତ ସମାନତା’କୁ ଆଧାର କରି ସମସ୍ତ ରାଜ୍ୟବାସୀଙ୍କୁ ଜଳ ସୁରକ୍ଷା ପାଇଁ ଆଗେଇ ଆସିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ।

ରାଜ୍ୟରେ ବିଭିନ୍ନ ଜଳଭିତ୍ତିକ ଯୋଜନା ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜଳର ଅଭାବ ଗରିବ ଲୋକଙ୍କୁ ସବୁଠାରୁ ଅଧିକ ପ୍ରଭାବିତ କରେ। ତେଣୁ ସମାଜରେ ଶେଷ ପାହାଚରେ ଥିବା ବ୍ୟକ୍ତିଙ୍କ ପାଖରେ ବିଶୁଦ୍ଧ ଜଳ ପହଞ୍ଚାଇବା ଆମ ଅନ୍ତ୍ୟୋଦୟ ନୀତିର ଅଂଶ ବିଶେଷ। ଆମ ସରକାର ମିଶନ୍ ପାୱାର୍ ଅଧୀନରେ ପ୍ରତିଟି ଅପହଞ୍ଚ ଗାଁ ଏବଂ ପଛୁଆ ଅଞ୍ଚଳକୁ ବିଶୁଦ୍ଧ ଜଳ ଯୋଗାଇବା ପାଇଁ କାର୍ଯ୍ୟ କରୁଛି। କୃଷି କ୍ଷେତ୍ରରେ ପ୍ରତି ବୁନ୍ଦା ଜଳରେ ଅଧିକ ଫସଲ ନୀତିକୁ ଆମେ ପ୍ରୋତ୍ସାହିତ କରୁଛୁ। ଆଗାମୀ ଦିନରେ ଜଳକୁ ନେଇ ଯେପରି କୌଣସି ବିବାଦ ନ ହୁଏ, ସେଥିପାଇଁ ମଧ୍ୟ ଆମ ରାଜ୍ୟ ସନ୍ତୁଳିତ ଜଳ ନୀତି ପ୍ରସ୍ତୁତ କରିଛି। ଆଗାମୀ ଦିନମାନଙ୍କରେ ଓଡ଼ିଶାର ଜଳ ସେଚନ ସୁବିଧା ପାଇଁ ଶସ୍ୟର ସାନ୍ଦ୍ରତାକୁ ୨୦୩୬ ସୁଦ୍ଧା ୨୨୦ ପ୍ରତିଶତ ଏବଂ ୨୦୪୭ ସୁଦ୍ଧା ୨୫୦ ପ୍ରତିଶକୁ ବୃଦ୍ଧି କରିବା ହେଉଛି, ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କେନାଲ ଲାଇନିଂ ସିଷ୍ଟମ, ରିହାବିଲିଟେସନ୍ ପ୍ରୋଗ୍ରାମ୍, ଲୋୟର ସୁକତେଲ ଜଳ ସେଚନ ପ୍ରକଳ୍ପ ଏବଂ କୁସୁମୀ ସ୍ମାର୍ଟ ଜଳସେଚନ ପ୍ରକଳ୍ପର ସଫଳତା ଆମର ୨୧ ମାସର କାର୍ଯ୍ୟକାରିତାରେ ଏକ ଉତ୍ସାହଜନକ ନିଦର୍ଶନ ଏବଂ ବିଭିନ୍ନ ଜଳସେଚନ ଯୋଜନା ମାଧ୍ୟମରେ ପ୍ରାୟ ୨ ଲକ୍ଷ ୨୦ ହଜାର ହେକ୍ଟର ଜମିରେ ଅତିରିକ୍ତ ଜଳସେଚନ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜୀବ ଭବନ ଠାରେ ଶିଶୁ ଯତ୍ନ କେନ୍ଦ୍ର ‘‘କଳିକା’’ର ଉଦଘାଟନ ହେବା ସହିତ ଏଆଇ ଚାଳିତ ନାଗରିକ ମତାମତ ବ୍ୟବସ୍ଥା ‘ବିନ୍ଦୁ’ ଚାଟବୋଟ’ର ପ୍ରୟୋଗିକ ଶୁଭାରମ୍ଭ କରିଥିଲେ। ଏଥି ସହିତ ଜଳ ସମ୍ପଦ ବିଭାଗ ପକ୍ଷରୁ କେନ୍ଦ୍ରୀୟ ଜଳ ଆୟୋଗଙ୍କ ସହ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ସହ ଏକ କଫି ଟେବୁଲ ବୁକ୍ ‘ସୁଜଳା’ ଏବଂ ନଦୀ ମାନଚିତ୍ର ବହିର ଉନ୍ମୋଚନ ମଧ୍ୟ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ଜଳ ସମ୍ପଦ ବିଭାଗର ଫଟୋଚିତ୍ର ପ୍ରଦର୍ଶନୀ ପ୍ରତିବିମ୍ବକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଲିଙ୍ଗରାଜ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ଇରାନ୍ ସହ ଯୁଦ୍ଧବିରାମ ଚାହୁଁଛନ୍ତି ଟ୍ରମ୍ପ୍

ୱାଂଶିଟନ୍ ଡିସି,(ଏଜେନ୍ସି): ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବେ କଳାପ ରୂପ ନେଇଛି। ଇତିମଧ୍ୟରେ ଯୁଦ୍ଧକୁ ୨୯ ଦିନରେ ପହଞ୍ଚିଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନ୍ ସହ ଯୁଦ୍ଧବିରାମ ପାଇଁ କଥାବାର୍ତ୍ତା କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଆକ୍ସିୟୋସ୍ ନ୍ୟୁଜ୍ ସୂଚନା ଅନୁସାରେ ଟ୍ରମ୍ପ୍‌ଙ୍କ ପରାମର୍ଶଦାତା ଜେରେଡ୍ କୁଶନର୍ ଏବଂ ଷ୍ଟିଭ୍ ଭିଟ୍‌କଫ୍ ମଧ୍ୟ ଏହି କାମରେ ଲାଗିପଡ଼ିଛନ୍ତି। ତେବେ ଇରାନ୍ ଆଲୋଚନା ପାଇଁ ସର୍ତ୍ତ ରଖିଛି ଯେ ପ୍ରଥମେ ଯୁଦ୍ଧ ରୋକାଯାଉ ଏବଂ ସଂଘର୍ଷରେ ହୋଇଥିବା କ୍ଷତିର କ୍ଷତିପୂରଣ ପ୍ରଦାନ କରାଯାଉ। ସେହିପରି ଇରାନ୍ ଏହା ମଧ୍ୟ କହିଛି ଭବିଷ୍ୟତରେ ତା’ ଉପରେ ପୁଣିଥରେ ଆକ୍ରମଣ ଯେପରି ନହେବ, ତାର ଗ୍ୟାରେଣ୍ଟି ମିଳିବା ଉଚିତ। ଅନ୍ୟପକ୍ଷରେ ଟ୍ରମ୍ପ୍ ସ୍ପଷ୍ଟ କରିଦେଇଛନ୍ତି ଯେ ସେ ଏବେ ଇରାନ୍‌ର ସମସ୍ତ ସର୍ତ୍ତ ମାନିବାକୁ ପ୍ରସ୍ତୁତ ନାହାନ୍ତି, ବିଶେଷକରି କ୍ଷତିପୂରଣ ଦାବିକୁ ନେଇ। ଅବଶ୍ୟ ଆମେରିକା ଓ ଇରାନ୍ ମଧ୍ୟରେ ସିଧା କଥାବର୍ତ୍ତା ହେଉନାହିଁ। ଏଥିରେ ମିଶର୍, କତର ଏବଂ ବ୍ରିଟେନ୍ ପରି ଦେଶ ମଧ୍ୟସ୍ଥତା ଭୂମିକା ତୁଲାଇଛନ୍ତି। ଇରାନ୍ ନିଜ ମିସାଇଲ୍ କାର୍ଯ୍ୟକ୍ରମ କିଛି ସମୟ ପାଇଁ ବନ୍ଦ ରଖୁ, ୟୁରାନିୟମ୍ ଏନ୍‌ରିଚ୍‌ମେଣ୍ଟ ରୋକୁ ଏବଂ ନିଜ ପରମାଣୁ ଠିକଣା ବନ୍ଦ କରୁ ଏହା ଆମେରିକା ଚାହୁଁଛି। ଏହା ବ୍ୟତୀତ ହିଜ୍‌ବୁଲ୍ଲାହ ଏବଂ ହମାସ୍‌କୁ ଇରାନ୍ ଅର୍ଥ ଦେବା ମଧ୍ୟ ବନ୍ଦ କରୁ। ଇତିମଧ୍ୟରେ ତୁର୍କୀ ବିଦେଶ ମନ୍ତ୍ରୀ ହାକାମ ଫିଦାନ୍ ମଧ୍ୟପ୍ରାଚ୍ୟାରେ ଚାଲିଥିବା ଯୁଦ୍ଧ ବନ୍ଦ କରିବା ନିମନ୍ତେ ବହୁ ଦେଶ ସହିତ କଥାବାର୍ତ୍ତା ଚଳାଇଛନ୍ତି। ରିପୋର୍ଟ ଅନୁସାରେ ସେ ଇରାନ୍ ବିଦେଶ ମନ୍ତ୍ରୀ ଆବ୍ବାସ୍ ଅରାଘଚୀ, ମିଶର ବିଦେଶ ମନ୍ତ୍ରୀ ବଦ୍ର ଅବ୍‌ଦେଲାତା ଏବଂ ୟୁରୋପୀୟ ସଂଘର ଅଧିକାରୀ କାଜା କଲାସ୍‌ଙ୍କ ସହିତ ଅଲଗା ଅଲଗା କଥାବାର୍ତ୍ତା କରିଛନ୍ତି। ଏହି କଥାବାର୍ତ୍ତାର ଉଦ୍ଦେଶ୍ୟ ଯୁଦ୍ଧ ସମାପ୍ତ କରିବାର ରାସ୍ତା ଖୋଜିବା। ତେବେ କଥାବାର୍ତ୍ତା କ’ଣ ସ୍ଥିର ହୋଇଛି, ଏହାର ଅଧିକ ସୂଚନା ମିଳିପାରି ନାହିଁ।

ଜାତୀୟ ଚେତନା
JATIYA CHETANA



# ଶକ୍ତିସଙ୍କଟର ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,(ଏଜେନ୍ସି): ଆମେରିକା-ଇସ୍ରାଏଲ୍‌ର ଇରାନ୍ ସହ ଯୁଦ୍ଧ କାରଣରୁ ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ସଂଘର୍ଷ ସ୍ଥିତି ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ରବିବାର ଏକ ଉଚ୍ଚସ୍ତରୀୟ ମିଟିଂ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ମିଟିଂରେ ସାଢ଼େ ୩ ଘଣ୍ଟା ଧରି ପେଟ୍ରୋଲିୟମ୍, ଅଶୋଧିତ ତୈଳ, ଗ୍ୟାସ୍, ବିଦ୍ୟୁତ୍ ଏବଂ ସାର ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ସ୍ଥିତିକୁ ନେଇ ଆଲୋଚନା ହୋଇଛି। ମିଟିଂରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ, ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ, ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା, ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ୍ ସିଂହ ପୁରୀ, କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ୍‌ଙ୍କ ସମେତ ବହୁ ମନ୍ତ୍ରୀ ସାମିଲ ଥିଲେ। ଦେଶବାସୀଙ୍କୁ କୌଣସି ପ୍ରକାର ଅସୁବିଧା ନହୁଏ, ସେଥିପାଇଁ ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ଯେପରି ବିନା ବାଧାରେ ଜାରି ରହିବ ତାହା ଉପରେ ମିଟିଂ ଜୋର୍ ଦିଆଯାଇଥିଲା। ମିଟିଂରେ ରାଜ୍ୟ ସରକାରଙ୍କ ସହ ମିଶି କାମ କରିବା ଉପରେ ମିଟିଂରେ ପ୍ରଧାନମନ୍ତ୍ରୀ ମୋଦୀ ଜୋର୍ ଦେଇଥିବା ବେଳେ କଳାବଜାରକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି। ଏହା ସହିତ ମନ୍ତ୍ରୀ ଏବଂ ଅଧିକାରୀମାନଙ୍କ ଟିମ୍ ଗଠନ କରି ସମନ୍ୱୟ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ସେକ୍ଟର୍‌କୁ



ହିତାଧିକାରୀଙ୍କ ସହି ମିଶି କାମ କରିବାକୁ କୁହାଯାଇଛି।

### ମିଟିଂର ପାଞ୍ଚ ମୁଖ୍ୟାଂଶ

ଦେଶବାସୀଙ୍କୁ ଯେପରି ଖାଦ୍ୟ, ଇନ୍ଧନ ଏବଂ ଶକ୍ତିର ଅଭାବ ନହୁଏ, ତା ଉପରେ ସରକାରଙ୍କ ସବୁଠୁ ବଡ଼ ଫୋକସ୍ ରହିଛି। ଆବଶ୍ୟକ ସାମଗ୍ରୀ ମିଳିବା ଜାରି ରଖିବା ପାଇଁ ଶର୍ଟ, ମିଡିୟମ୍ ଏବଂ ଲଙ୍ଗ୍ ଟର୍ମ ପ୍ଲାନ୍ ପ୍ରସ୍ତୁତ କରାଯାଉଛି। ଖରିଫ୍ ଋତୁ ପାଇଁ ସାର ଅବଶ୍ୟକତାର ଆକଳନ କରାଯାଉଛି। ସରକାର କହିଛନ୍ତି ପର୍ଯ୍ୟାପ୍ତ ଷ୍ଟକ୍ ରହିଛି। ଆବଶ୍ୟକ ପଡ଼ିଲେ ଅନ୍ୟ ଦେଶରୁ ସାର ମଗାଇବା ପାଇଁ ପ୍ରସ୍ତୁତି ହେଉଛି। ସରକାରଙ୍କ ଅନୁସାରେ ପାୱାର୍ ପ୍ଲାଣ୍ଟ୍‌ଗୁଡ଼ିକରେ କୋଇଲାର ପର୍ଯ୍ୟାପ୍ତ ଷ୍ଟକ୍ ରହିଛି। ତେଣୁ ଦେଶରେ ବିଦ୍ୟୁତ୍ ସଂକଟର ଆଶଙ୍କା ନାହିଁ। ଅତ୍ୟାବଶ୍ୟକ ସାମଗ୍ରୀର ଆମଦାନୀ ସ୍ରୋତର ସନ୍ଧାନ କରାଯିବ ଏବଂ ଭାରତୀୟ ସାମଗ୍ରୀ ପାଇଁ ନୂଆ ରପ୍ତାନି ବଜାର ବିକଶିତ କରାଯିବ।

ଏହି ମିଟିଂ ଏପରି ଏକ ସମୟରେ ଆୟୋଜିତ ହୋଇଛି, ଯେତେବେଳେ ପଶ୍ଚିମ ଏସିଆରେ ଭୂରାଜନୈତିକ ଦୃଶ୍ୟପଟ୍ଟ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି। ଏହାକୁ ଦୃଷ୍ଟିରେ ରଖି ଦେଶକୁ ଯେକୌଣସି ପ୍ରତିକୂଳ ପ୍ରଭାବରୁ ମୁକ୍ତ ରଖିବା ପାଇଁ ସରକାର ସକ୍ରିୟ ପଦକ୍ଷେପ ନେବା ସକାଶେ ଏହି ମିଟିଂ ଆୟୋଜିତ ହୋଇଛି। ଭାରତ ସରକାର ଦେଶ ଭିତରେ ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବକୁ ରୋକିବା ପାଇଁ ପୂର୍ବରୁ ଅନେକ ପଦକ୍ଷେପ ନେଉଛନ୍ତି। ସେହିପରି ସମୟୋଚିତ ନିଷ୍ପତ୍ତି ଗ୍ରହଣକୁ ସହଜ କରିବା ଏବଂ ଜନସାଧାରଣଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ବିଶ୍ୱ ସ୍ତରରେ ଘଟୁଥିବା ଘଟଣାବଳୀ ଉପରେ ନିରନ୍ତର ନଜର ରଖାଯାଉଛି। ଉଲ୍ଲେଖନୀୟ ଯେ ଇରାନ୍‌ରେ ଚାଲିଥିବା ସଂଘର୍ଷ ଯୋଗୁଁ ଶହ ଶହ ତେଲ ଏବଂ ଗ୍ୟାସ୍ ଟ୍ୟାଙ୍କର୍ ହର୍ମୁଜ ପ୍ରଣାଳୀରେ ଫସି ରହିଛି। ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥ ବିଶ୍ୱର ସାମୁଦ୍ରିକ ବାଣିଜ୍ୟର ୨୦ ପ୍ରତିଶତ ତୈଳ ପାଇଁ ପରିବହନ ପଥ ଭାବରେ କାର୍ଯ୍ୟ କରେ।

## ମୋଦୀ ପାଲଟିଲେ ଦେଶର ସବୁଠାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ କ୍ଷମତାରେ ଥିବା ନେତା

ନୂଆଦିଲ୍ଲୀ,(ଏଜେନ୍ସି): ଭାରତୀୟ ରାଜନୀତିରେ ରବିବାର ଏକ ସ୍ମରଣୀୟ ଦିନ ଭାବେ ଲିପିବଦ୍ଧ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂତନ କୀର୍ତ୍ତିମାନ ରଚିଛନ୍ତି। ସେ ଭାରତର ସବୁଠାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ କାମ କରୁଥିବା ନିର୍ବାଚିତ ସରକାରଙ୍କ ମୁଖ୍ୟ ଭାବରେ ସଫଳତା ହାସଲ କରିଛନ୍ତି। ସେ ଗୁଜରାଟ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଉଭୟ ପଦକୁ ମିଶାଇ ମୋଟ ୮,୯୩୧ ଦିନ ପୂରଣ କରିଛନ୍ତି। ସେ ସିକ୍କିମର ପୂର୍ବତନ ମୁଖ୍ୟମନ୍ତ୍ରୀ ପବନ କୁମାର ଚାମାଲିଙ୍ଗଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ୨୦୦୧ରେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭାବରେ କାମ କରିଥିଲେ। ଏହାପରେ ୨୦୧୪ରେ ସେ ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ। ଏହି ସମୟରେ ସେ ୨୦୧୪, ୨୦୧୯ ଓ ୨୦୨୪ ରେ ଲଗାତାର ତିନି ଥର ନିର୍ବାଚନ ଜିତି ସରକାର ଗଠନ କରିବା ସହ ଦେଶର ବିକାଶ ପ୍ରକ୍ରିୟାରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛନ୍ତି।

ନରେନ୍ଦ୍ର ମୋଦୀ ୭ ଅକ୍ଟୋବର ୨୦୦୧ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ୨୧ ମଇ ୨୦୧୪ ପର୍ଯ୍ୟନ୍ତ ୧୩ ବର୍ଷ ଧରି ଏହି ପଦବୀରେ ରହିଥିଲେ। ତା'ପରେ ସେ ୨୬ ମଇ ୨୦୧୪ରେ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ। ସେବେଠାରୁ, ସେ ୨୦୧୪, ୨୦୧୯ ଏବଂ ୨୦୨୪ରେ ଲଗାତାର ତିନୋଟି ଲୋକସଭା ନିର୍ବାଚନ ମାଧ୍ୟମରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ସରକାରର ନେତୃତ୍ୱ ନେଇଛନ୍ତି। ମୋଦୀ ଗୁଜରାଟର ସବୁଠାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସେବା କରିଥିବା ମୁଖ୍ୟମନ୍ତ୍ରୀ ଥିଲେ। ତା ଛଡା ସେ ଏଭଳି ପ୍ରଧାନମନ୍ତ୍ରୀ ଯାହାଙ୍କ ପାଖରେ କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ରୂପରେ ସବୁଠାରୁ ଅଧିକ ପୂର୍ବ ଅନୁଭବ ରହିଛି।

ମୋଦୀଙ୍କୁ ତାଙ୍କ ରେକର୍ଡ ପାଇଁ ଗୃହମନ୍ତ୍ରୀ ଅମିତ ଶାହ ଅଭିନନ୍ଦନ ଜଣାଇ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଲେଖିଛନ୍ତି ଯେ ନରେନ୍ଦ୍ର ମୋଦୀ ଭାରତର ସବୁଠାରୁ ଦୀର୍ଘ ସମୟ ଧରି ଶାସନ କରୁଥିବା ସରକାର ମୁଖ୍ୟ ହୋଇଛନ୍ତି। ସେବା, କଠିନ ପରିଶ୍ରମ ଏବଂ ସମର୍ପଣର ଉଦାହରଣ ସ୍ଥାପନ କରିଛନ୍ତି। ଗୁଜରାଟର ମୁଖ୍ୟମନ୍ତ୍ରୀରୁ ନେଇ ପ୍ରଧାନମନ୍ତ୍ରୀ ପର୍ଯ୍ୟନ୍ତ ତାଙ୍କର ଯାତ୍ରା ଦେଶହିତ, ପାରଦର୍ଶିତା ଓ ନିରନ୍ତର ଜନସେବା ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ଦର୍ଶାଉଛି। ଯାହାକୁ ଏକ ଦୁର୍ଲଭ ଓ ଭରସା ଉପରେ ଆଧାରିତ ଐତିହ ଭାବରେ ଦେଖାଯାଏ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଲେଖିଛନ୍ତି, ପିଏମ୍ ମୋଦୀଙ୍କ ବହୁ ବର୍ଷର ପରିଶ୍ରମ ଓ ସେବା ଦେଶରେ ବଡ଼ ପରିବର୍ତ୍ତନ ଆଣିଛି। ସେ ୨୪ ବର୍ଷ ଧରି ବିନା ଛୁଟିରେ ଲଗାତାର କାମ କରିଛନ୍ତି,ଯାହାକି ତାଙ୍କର ପରିଶ୍ରମ ଓ ସମର୍ପଣକୁ ଦର୍ଶାଉଛି।

## ବିଷାକ୍ତ କ୍ଷୀର ନେଲାଣି ୧୬ ଜୀବନ: ଡାଏରୀ ୟୁନିଟ୍‌ରେ ମିଶାଯାଉଥିଲା 'ଇଥିଲିନ୍ ଗ୍ଲାଇକଲ୍'

ନୂଆଦିଲ୍ଲୀ,(ଏଜେନ୍ସି): ଆନ୍ଧ୍ର ପ୍ରଦେଶର ପୂର୍ବ ଗୋଦାବରୀ ଜିଲ୍ଲାରେ ଅପମିଶ୍ରିତ ଏବଂ ବିଷାକ୍ତ କ୍ଷୀରର ଭୟଙ୍କର ଘଟଣା ପୂରା ଦେଶକୁ ଦୋହଲାଇ ଦେଇଛି। ରିପୋର୍ଟ ଅନୁସାରେ ବିଷାକ୍ତ କ୍ଷୀର ପିଇ ମୃତକଙ୍କ ସଂଖ୍ୟା ଏବେ ୧୬ ରେ ପହଞ୍ଚିଛି। ସେଭଳି ୩ଜଣ ଏବେ ବି ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଲାଲାଚେରଭୁ, ଚୌଦେଶ୍ୱରନଗର ଏବଂ ସ୍ୱରୁପନଗର ଭଳି ଅଞ୍ଚଳରେ ଗତ ଫେବୃଆରୀରୁ ଲୋକେ ଅସୁସ୍ଥ ହେବାରେ ଲାଗିଥିଲେ। କ୍ଷୀର ପିଇବା ପରେ ବାନ୍ତି, ପେଟ ଦରଜ, ପରିସ୍ରା ବନ୍ଦ ହେବା ଓ ଗମ୍ଭୀର କିଡନୀ ଫେଲ୍ୟୁଅର ଭଳି ବିପଦଜନକ ଲକ୍ଷଣ ଦେଖିବାକୁ ମିଳିଥିଲା। ତେବେ ତଦନ୍ତରୁ ଜଣାପଡ଼ିଛି ଯେ ନରସାପୁରମ ଗାଁର ଏକ ସ୍ଥାନୀୟ ଦୁଗ୍ଧ ୟୁନିଟ୍‌ରୁ ଯୋଗାଣ ହେଉଥିବା କ୍ଷୀରରେ 'ଇଥିଲିନ୍ ଗ୍ଲାଇକଲ୍' ନାମକ ଏକ ବିଷାକ୍ତ ରାସାୟନିକ ପଦାର୍ଥ ମିଶାଯାଇଥିଲା। ଏହି ପଦାର୍ଥ ସାଧାରଣତଃ ଆଣ୍ଟି-ଫ୍ରିଜ୍ ଏବଂ ଶୀତଳିକରଣରେ ବ୍ୟବହୃତ ହୁଏ। ଏହା ମାନବ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ। ଏହା ପଲିଷ୍ଟର ତନ୍ତୁ ଏବଂ ପ୍ଲାଷ୍ଟିକ୍ ଉତ୍ପାଦନରେ କଞ୍ଚାମାଲ ଭାବରେ ମଧ୍ୟ ବ୍ୟବହୃତ ହୁଏ, କିନ୍ତୁ ଅତ୍ୟଧିକ ବିଷାକ୍ତ ହୋଇଥିବାରୁ ଏହା ଶରୀର ପାଇଁ ବିପଜ୍ଜନକ। ଏହି ବିଷାକ୍ତ କ୍ଷୀର ସେବନ ଦ୍ୱାରା ପିଲା ଏବଂ ବୃଦ୍ଧଙ୍କ ସମେତ ୧୦୦ ରୁ ଅଧିକ ପରିବାର ପ୍ରଭାବିତ ହୋଇଥିଲେ।

## ବଦଳି ଭୟରେ ରହିଲେ ବିଚାରପତି ନିରପେକ୍ଷ କାର୍ଯ୍ୟ କରିପାରିବେ ନାହିଁ: ଜଷ୍ଟିସ୍ ମନମୋହନ

ନୂଆଦିଲ୍ଲୀ,(ଏଜେନ୍ସି): ବିଚାର ବିଭାଗର ସ୍ୱାଧୀନତା ଏବଂ ବିଚାରପତିଙ୍କ କାର୍ଯ୍ୟକାଳର ସୁରକ୍ଷାକୁ ନେଇ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ମନମୋହନ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ମତ ରଖିଛନ୍ତି। ସୁପ୍ରିମକୋର୍ଟ ବାର୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ଏକ ଜାତୀୟ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଯେ, ଯଦି ଜଣେ ହାଇକୋର୍ଟ ବିଚାରପତି କ୍ରମାଗତ ଭାବେ ବଦଳି ଭୟ ମଧ୍ୟରେ ରୁହନ୍ତି, ତେବେ ସେ ନିଜର ସାମ୍ବିଧାନିକ ଦାୟିତ୍ୱ ଠିକ୍ ଭାବେ ସମ୍ପାଦନ କରିପାରିବେ ନାହିଁ। ଜଷ୍ଟିସ୍ ମନମୋହନଙ୍କ କହିବା ଅନୁସାରେ, ଜଣେ ବିଚାରପତି କେବଳ ସେତେବେଳେ ପ୍ରଭାବଶାଳୀ ଭାବେ ନ୍ୟାୟଦାନ କରିପାରିବେ, ଯେତେବେଳେ ତାଙ୍କ ପାଖରେ ପୂର୍ଣ୍ଣ କ୍ଷମତା ରହିବ ଏବଂ କାର୍ଯ୍ୟକାଳ ସୁରକ୍ଷିତ ଥିବା ନେଇ ସେ ସୁନିଶ୍ଚିତ ରହିବେ। ବଦଳି ଭୟ ଦେଖାଇ କୌଣସି ହାଇକୋର୍ଟ ବିଚାରପତିଙ୍କ ମନୋବଳକୁ ଦୁର୍ବଳ କରାଯାଇ ପାରିବ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଏଥିସହ ବର୍ତ୍ତମାନର କଲେଜିୟମ୍ ବ୍ୟବସ୍ଥାକୁ ନେଇ ସେ ଏକ ବ୍ୟାପକ ବିତର୍କ ପାଇଁ ପ୍ରସ୍ତାବ ଦେଇଛନ୍ତି। ବିଚାରପତି ନିଯୁକ୍ତି ପ୍ରକ୍ରିୟାରେ ଦେଖାଦେଇଥିବା ଅବିଶ୍ୱାସର ପରିବେଶ ଏବଂ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସୁପାରିସ ଉପରେ ବାରମ୍ବାର ଯାଞ୍ଚ ହେଉଥିବା ବିଷୟକୁ ସେ ସମାଲୋଚନା କରିଛନ୍ତି। ବିଚାରପତି ନିଯୁକ୍ତି କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ସହ ନ୍ୟାୟପାଳିକାର ସମ୍ମାନ ରକ୍ଷା କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଜଷ୍ଟିସ୍ ମନମୋହନଙ୍କ ଏହି ବୟାନ ନ୍ୟାୟପାଳିକାର ସଂସ୍କାର ପାଇଁ ଚାଲିଥିବା ଦାବିକୁ ଆହୁରି ଜୋରଦାର କରିବ ବୋଲି ଆଶା କରାଯାଉଛି।

## ଆମେରିକାରୁ ଆସିଲା ଏଲ୍‌ପିଜି ବୋଝେଇ ଜାହାଜ

ମେଙ୍ଗାଲୁରୁ,(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଜାରି ରହିଥିବା ବେଳେ ଭାରତରେ ଏଲ୍‌ପିଜି ଗ୍ୟାସ୍ ସଙ୍କଟ ଅନୁଭୂତ ହୋଇଛି। ଏହାରି ମଧ୍ୟରେ ଭାରତକୁ କିଛି ଆଶ୍ୱସ୍ତିକର ଖବର ମିଳିଛି। ଆମେରିକାର ଟେକ୍ସାସ୍‌ରୁ ଲିକ୍ୱିଫାଏଡ୍ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି) ନେଇ ପାୟୋନିଅର ନାମକ ଏକ କାର୍ଗୋ ସିପ୍ ରବିବାର ମେଙ୍ଗାଲୁରୁ ବନ୍ଦରରେ ପହଞ୍ଚିଛି। ସେହିପରି ରୁଷରୁ ଏକ ଜାହାଜ ଅଶୋଧିତ ତୈଳ ନେଇ ଭାରତରେ ପହଞ୍ଚିଛନ୍ତି। ଆସନ୍ତା ସପ୍ତାହରେ ନ୍ୟୁ ମାଙ୍ଗାଲୁରୁ ବନ୍ଦରରେ ଏଲ୍‌ପିଜିର ଏକ ବଡ଼ ଖେପ ପହଞ୍ଚିବା ଆଶା କରାଯାଉଛି। ମୋଟ ପ୍ରାୟ ୭୨,୭୦୦ ଟନ୍ ଏଲ୍‌ପିଜି ଆସିବା ଆଶା କରାଯାଉଛି। ରବିବାର ପହଞ୍ଚିଥିବା ପ୍ରଥମ ଟ୍ୟାଙ୍କର୍‌ଟି ହେଉଛି ସିଙ୍ଗାପୁର-ପତାକାଯୁକ୍ତ ପିକ୍ସିସ୍ ପାୟୋନିଅର୍। ଏଥିରେ ୧୬,୭୧୪ ଟନ୍ ଏଲ୍‌ପିଜି ଅଛି। ଏହି ଜାହାଜ ଫେବୃଆରୀ ୧୪ ତାରିଖରେ ନେଦରଲାଣ୍ଡ୍ ବନ୍ଦରରୁ ବାହାରିଥିଲା ଏବଂ ଏଜିସ୍ ଲଜିଷ୍ଟିକ୍ ଲିମିଟେଡ୍ ପାଇଁ ଏଲ୍‌ପିଜି ଆଣିଛି। ଆଜି ପହଞ୍ଚିଥିବା ଏହି ଜାହାଜ ଏଲ୍‌ପିଜି ଅନ୍‌ଲୋଡ୍ କରିବା ପରେ ସୋମବାର ସକାଳେ ଫେରିଯିବ। ମାଙ୍ଗାଲୁରୁ ବନ୍ଦରରେ ପହଞ୍ଚିଥିବା ଏହି ଜାହାଜ କେବଳ ଆରମ୍ଭ। ଆଗାମୀ ସପ୍ତାହରେ ଆଉ ଦୁଇଟି ବଡ଼ ଏଲ୍‌ପିଜି ଜାହାଜ ଭାରତରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ମାର୍ଚ୍ଚ ୨୫ ତାରିଖରେ ଆପୋଲୋ ମହାସାଗର ପ୍ରାୟ ୨୬,୬୮୭ ଟନ୍ ଗ୍ୟାସ୍ ନେଇ ପହଞ୍ଚିବ, ଯାହା ଇଣ୍ଡିଆନ୍ ଅଏଲ୍ ଏବଂ ଭାରତ ପେଟ୍ରୋଲିୟମ୍‌ର ଆବଶ୍ୟକତା ପୂରଣ କରିବ। ଏହାର ପରେ ମାର୍ଚ୍ଚ ୨୯ ତାରିଖରେ ଏଚ୍‌ପିସିଏଲ୍ ପାଇଁ ୩୦ ହଜାର ଟନ୍ ଗ୍ୟାସ୍ ନେଇ ଆଉ ଏକ ଜାହାଜ ଆସିବ। ଏହାର ଅର୍ଥ ହେଉଛି ଏହି ଗୋଟିଏ ସପ୍ତାହ ମଧ୍ୟରେ କେବଳ ମାଙ୍ଗାଲୁରୁ ବନ୍ଦରରେ ୭୨, ୭୦୦ ଟନ୍‌ରୁ ଅଧିକ ରନ୍ଧନ ଗ୍ୟାସ୍ ଅନ୍‌ଲୋଡ୍ ହେବ। ଏହି ଗ୍ୟାସ୍‌କୁ ଏଚ୍‌ପିସିଏଲ୍‌ର ପାଇପ୍‌ଲାଇନ୍ ମାଧ୍ୟମରେ ବେଙ୍ଗାଲୁରୁ ଏବଂ ଦକ୍ଷିଣ ଭାରତର ଅନ୍ୟାନ୍ୟ ସ୍ଥାନକୁ ପଠାଯିବ। ଏହା ଦ୍ୱାରା ଲକ୍ଷ ଲକ୍ଷ ପରିବାରଙ୍କୁ ଆଶ୍ୱସ୍ତି ମିଳିବ।

## ନତାଞ୍ଜ ଆଣବିକ କେନ୍ଦ୍ର ଉପରେ ମିଳିତ ଆକ୍ରମଣ: ପ୍ରତିଶୋଧ ନିଆଁରେ ଜଳୁଛି ଇରାନ

ତେହେରାନ/ୱାଶିଂଟନ,(ଏଜେନ୍ସି): ନତାଞ୍ଜ ଆଣବିକ କେନ୍ଦ୍ର ଉପରେ ହୋଇଥିବା ଏହି ଆକ୍ରମଣ କେବଳ ଏକ ସାମରିକ କାର୍ଯ୍ୟାନୁଷ୍ଠାନ ନୁହେଁ, ବରଂ ଏହା ମଧ୍ୟପ୍ରାଚ୍ୟରେ ଏକ ବଡ଼ ଧରଣର ମହାଯୁଦ୍ଧର ଆଶଙ୍କାକୁ ବଢ଼ାଇ ଦେଇଛି। ଇରାନର ପରମାଣୁ କ୍ଷମତାକୁ ରୋକିବା ପାଇଁ ଆମେରିକା ଓ ଇସ୍ରାଏଲ ଦୀର୍ଘ ଦିନରୁ ପ୍ରୟାସ କରୁଥିବା ବେଳେ, ଏହି ପ୍ରତ୍ୟକ୍ଷ ଆକ୍ରମଣ ତେହେରାନକୁ ଅତିମାତ୍ରାରେ ଉତ୍ତେଜିତ କରିଛି। ଇରାନ ପକ୍ଷରୁ କୁହାଯାଇଛି ଯେ, ନତାଞ୍ଜ ଉପରେ ଆକ୍ରମଣ କରି ଶତ୍ରୁପକ୍ଷ ଲାଲ୍ ସୀମା ଅତିକ୍ରମ କରିଛନ୍ତି, ଯାହାର ପରିଣାମ ସାରା ବିଶ୍ୱକୁ ଭୋଗିବାକୁ ପଡ଼ିବ। ଅନ୍ୟପଟେ ଡିଏଗୋ ଗାର୍ସିଆ ଭଳି ଅତି ସୁରକ୍ଷିତ ଘାଟି ଉପରେ କ୍ଷେପଣାସ୍ତ୍ର ମାଡ଼ କରି ଇରାନ ପ୍ରମାଣ କରିଛି ଯେ, ତାହାର ମାରକ କ୍ଷମତା ଏବେ ହଜାର ହଜାର କିଲୋମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏହି କ୍ଷେପଣାସ୍ତ୍ର ମାଡ଼ ଆମେରିକାର ପ୍ରତିରକ୍ଷା ବ୍ୟବସ୍ଥା 'ଆଇରନ୍ ଡୋମ୍' ବା 'ପାଟ୍ରିଅଟ୍ ମିସାଇଲ୍ ସିଷ୍ଟମ୍' ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ବିଶ୍ୱ ବଜାରରେ ଏହି ସଂଘର୍ଷର ପ୍ରଭାବ ଏବେଠାରୁ ଦେଖିବାକୁ ମିଳିଲାଣି। ଯଦିଓ ଆମେରିକା ତୈଳ କଟକଣା କୋହଳ କରିଛି, ତଥାପି ହର୍ମୁଜ ପ୍ରଣାଳୀରେ ଯଦି ଇରାନ ଯୁଦ୍ଧ ଜାହାଜ ମୁତୟନ କରେ, ତେବେ ବିଶ୍ୱର ୨୦ ପ୍ରତିଶତ ତୈଳ ପରିବହନ ବାଧାପ୍ରାପ୍ତ ହେବ। ଏହାଫଳରେ ଭାରତ ଭଳି ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ପେଟ୍ରୋଲ ଓ ଡିଜେଲ ଦର ଆକାଶଛୁଆଁ ହେବାର ସମ୍ଭାବନା ରହିଛି। ସେହିପରି ଇରାନର ଧମକ ପରେ ୟୁଏଇ ଓ ସୌଦି ଆରବ ଭଳି ପଡ଼ୋଶୀ ଦେଶଗୁଡ଼ିକ ମଧ୍ୟ ନିଜର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛନ୍ତି। ବିଶେଷଜ୍ଞଙ୍କ ମତରେ, ଯଦି ଏହି ସଂଘର୍ଷ ଆଗକୁ ବଢ଼େ, ତେବେ ଏହା କେବଳ ମଧ୍ୟପ୍ରାଚ୍ୟରେ ସୀମିତ ନରହି ଏକ ତୃତୀୟ ବିଶ୍ୱଯୁଦ୍ଧର ରୂପ ନେଇପାରେ। ରୁଷ ଓ ଚୀନ ଭଳି ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ଏହି ଘଟଣା ଉପରେ ନଜର ରଖିଥିବା ବେଳେ ଇରାନକୁ ସେମାନଙ୍କ ପରୋକ୍ଷ ସମର୍ଥନ ମିଳୁଥିବା ନେଇ ଚର୍ଚ୍ଚା ହେଉଛି। ଆମେରିକା ମଧ୍ୟ ଏହି ସମୟରେ ଏକ ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ରହିଛି। ଗୋଟିଏ ପଟେ ରାଷ୍ଟ୍ରପତି ଟ୍ରମ୍ପ ଯୁଦ୍ଧ ଶେଷ କରିବାକୁ ଚାହୁଁଥିବା ବେଳେ ଅନ୍ୟପଟେ ନିଜର ସାମରିକ ଘାଟି ଉପରେ ଆକ୍ରମଣକୁ ସେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଇରାନର ଆଣବିକ ପ୍ରତିଷ୍ଠାନଗୁଡ଼ିକୁ ସମ୍ପୂର୍ଣ୍ଣ ନଷ୍ଟ କରିବା ପାଇଁ ଇସ୍ରାଏଲ ବାରମ୍ବାର ଚାପ ପକାଉଥିବାରୁ ଆଗାମୀ ଦିନରେ ଆହୁରି ବଡ଼ ଧରଣର ସର୍ଜିକାଲ ଷ୍ଟ୍ରାଇକ୍ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ସାରା ବିଶ୍ୱ ଏବେ ଶାନ୍ତି ପାଇଁ ମିଳିତ ଜାତିସଂଘର ହସ୍ତକ୍ଷେପକୁ ଅପେକ୍ଷା କରିଛି। ମାତ୍ର ଇରାନର 'ଶେଷ ନିଷ୍ପତ୍ତି' ନେବା ଭଳି ଜିଦ୍ ଏବଂ ଆମେରିକାର ରଣନୈତିକ ଚାପ ମଧ୍ୟରେ ଶାନ୍ତି ପ୍ରକ୍ରିୟା ବର୍ତ୍ତମାନ ପାଇଁ ଅସମ୍ଭବ ମନେହେଉଛି।

ଜାତୀୟ ଚେତନା
JATIYA CHETANA



## ରାଜ୍ୟବ୍ୟାପୀ ସଡ଼କ ସୁରକ୍ଷା ଅଭିଯାନ: ୧୭,୮୩୧ ଚାଲାଣ ଜାରି, ୯.୫୭ କୋଟି ଜରିମାନା

ଭୁବନେଶ୍ୱର,(ଜା.ପ୍ର): କଟକରୁ କୋରାପୁଟ, ବାଲେଶ୍ୱରରୁ ବରଗଡ଼। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟବ୍ୟାପୀ ଆରମ୍ଭ ହୋଇଛି ସଡ଼କ ସୁରକ୍ଷାକୁ ନେଇ ସ୍ୱତନ୍ତ୍ର ଅଭିଯାନ। ଶନିବାର ପ୍ରଥମ ଦିନରେ ସନ୍ଧ୍ୟା ୫ଟା ସୁଦ୍ଧା ମୋଟର ଯାନ ଆଇନ ଉଲ୍ଲଙ୍ଘନ ଯୋଗୁଁ ଉଲ୍ଲଂଘନକାରୀଙ୍କ ବିରୋଧରେ ଜାରି ହୋଇଛି ୧୭ ହଜାର ୮୩୧ ଟି ଇ-ଚାଲାଣ। ଏହି ଚାଲାଣ ବାବଦରେ ୯ କୋଟି ୫୭ ଲକ୍ଷ ୫୯ହଜାର ୫୦୪ ଟଙ୍କାର ଜରିମାନା ଲାଗୁ କରାଯାଇଛି। କେବଳ ଏତିକି ନୁହେଁ ସଡ଼କ ସୁରକ୍ଷା ନିୟମର ଗୁରୁତର ଉଲ୍ଲଙ୍ଘନ ଯୋଗୁଁ ୬୪ଟି ଗାଡ଼ିକୁ ଅଟକ ରଖାଯାଇଛି। ପ୍ରତିଦିନ ଉଭୟ ସକାଳେ ଓ ସନ୍ଧ୍ୟାରେ ଏଭଳି ଏନଫୋର୍ସମେଣ୍ଟ ଜାରି ରହିବ ବୋଲି ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମାର୍ଚ୍ଚ ୩୧ ଯାଏଁ ଏହି ସ୍ୱତନ୍ତ୍ର ଅଭିଯାନ ଚାଲିବ। ତେବେ କେବଳ ଏନଫୋର୍ସମେଣ୍ଟ ନୁହେଁ ଏହି ସମୟ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ମଧ୍ୟ ହାତକୁ ନେଇଛନ୍ତି ଆରଟିଓମାନେ। ପ୍ରଥମ ଦିନରେ ବିଭିନ୍ନ ସ୍ଥାନରେ ଗାଡ଼ି ଚାଳକମାନଙ୍କ ସହ ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରାଯାଇଛି। ସଡ଼କ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁସଂଖ୍ୟା ହ୍ରାସ ଲକ୍ଷ୍ୟରେ ଏହି ଅଭିଯାନ ଅଧୀନରେ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ଏବଂ ଅତିରିକ୍ତ ଆରଟିଓମାନେ ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି। ଏହି ଅଭିଯାନ ସମୟରେ ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ଗୁଡ଼ିକ ରୋକିବା ଉପରେ ପ୍ରାଧାନ୍ୟ ଦିଆଯାଇଛି। ଯେପରିକି ଦ୍ରୁତଗତି, ମଦ୍ୟପାନ କରି ଡ୍ରାଇଭିଂ କରିବା, ବିନା ହେଲମେଟରେ ବାଇକ୍ ଚଳାଇବା, ଭୁଲ୍ ଦିଗରେ ଗାଡ଼ି ଚଳାଇବା, ଅବୈଧ ପାର୍କିଂ, ଗାଡ଼ି ଚଳାଇବା ବେଳେ ମୋବାଇଲ୍ ବ୍ୟବହାର ଏବଂ ଓଭରଲୋଡ଼ିଂ ଭଳି ନିୟମ ଉଲ୍ଲଙ୍ଘନ ପରି ମୋଟର ଯାନ ନିୟମ ଉଲ୍ଲଂଘନକରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।ଏନଫୋର୍ସମେଣ୍ଟ ସହିତ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି। ହେଲମେଟ୍, ସିଟବେଲ୍ଟ ସଚେତନତା, ଦ୍ରୁତଗତିର ଭୟାବହତା ଇତ୍ୟାଦି ସଂପର୍କରେ ସଡ଼କ ବ୍ୟବହାରକାରୀଙ୍କୁ ବୁଝାଯାଇଥିଲା ।

## ଗଙ୍ଗୁଆ ନାଳ: ୮,୭୩୬ କୋଟି ବ୍ୟୟରେ ହେବ ପୁନରୁଦ୍ଧାର

ଭୁବନେଶ୍ୱର,(ଜା.ପ୍ର): ଗଙ୍ଗୁଆ ନାଳ ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ ଦିଗରେ ମୋଟ୍ ୮ ହଜାର ୭୩୬ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି। ରାଜଧାନୀ ଇଞ୍ଜିନିୟରିଂ କଲେଜ ନିକଟରୁ ଆରମ୍ଭ ହୋଇ ଗଙ୍ଗୁଆ ନାଳର ପୁନରୁଦ୍ଧାର କାର୍ଯ୍ୟ ଜଟଣୀ ନିକଟ କଣ୍ଟି ଗ୍ରାମ, ପ୍ରାୟ ୩୩ କିଲୋମିଟର କରାଯିବ। ସେହିପରି ଦୟା ପଶ୍ଚିମ କେନାଲର ପୁନରୁଦ୍ଧାର ହେବ। ବାରଙ୍ଗଠାରୁ ଆରମ୍ଭ କରି ଜଟଣୀ ପର୍ଯ୍ୟନ୍ତ ପ୍ରାୟ ୩୪.୮୬ କିଲୋମିଟର ଦୂର ଦୟା ପଶ୍ଚିମ କେନାଲର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯାଇଛି। ଏହି ପ୍ରକଳ୍ପର ମୋଟ୍ ବ୍ୟୟ ଅଟକଳ ୪୪୮ କୋଟି ଟଙ୍କା ରହିଛି। ଭୁବନେଶ୍ୱର ସର୍କିଟ୍ ହାଉସରେ ସଂସଦୀୟ କ୍ଷେତ୍ରର ଦୁଇଟି ବିଭାଗର ମୁଖ୍ୟ ସଚିବ ଏବଂ ଭୁବନେଶ୍ୱର ମହାନଗର ନିଗମ କମିଶନରଙ୍କ ଉପସ୍ଥିତିରେ ବିଭାଗର ବିକାଶ କାର୍ଯ୍ୟର ସମୀକ୍ଷା ବୈଠକ ହୋଇଯାଇଛି । ବୈଠକରେ ପୂର୍ତ୍ତ ବିଭାଗର ପ୍ରିନ୍ସିପାଲ୍ ସେକ୍ରେଟାରୀ ସଂଜୟ ସିଂ ଏବଂ ଜଳସଂପଦ ବିଭାଗର ପ୍ରିନ୍ସିପାଲ୍ ସେକ୍ରେଟାରୀ ଶୁଭା ଶର୍ମା ଉପସ୍ଥିତରେ ଏହି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯାଇଛି। ପରେ ଗଣମାଧ୍ୟମକୁ ସାଂସଦ ଅପରାଜିତା ଷଡ଼ଙ୍ଗୀ ସୂଚନା ଦେଇ କହିଛନ୍ତି ଯେ, ରାଜଧାନୀ ଭୁବନେଶ୍ୱରରେ ଟ୍ରାଫିକ୍ ସମସ୍ୟା ଦୂର କରିବାକୁ ବିଶେଷ ଭାବରେ ଆଲୋଚନା ହୋଇଥିଲା। ପୂର୍ତ୍ତ ବିଭାଗ ଅଧିନରେ ୩୭ଟି ପ୍ରକଳ୍ପ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ରାଜଧାନୀକୁ କିପରି ଟ୍ରାଫିକ୍ ମୁକ୍ତ ବା ଟ୍ରାଫିକ୍ ଭିଡ କମାଯାଇ ପାରିବ, ସେ ଦିଗରେ ଆଲୋଚନା କରାଯାଇଛି। ୩୭ଟି ପ୍ରକଳ୍ପ ମଧ୍ୟରୁ ୩ଟି ପ୍ରକଳ୍ପର ଟେଣ୍ଡର ହୋଇଯାଇଛି, ବାକି ୩୪ଟି ପ୍ରକଳ୍ପର ଟେଣ୍ଡର କିପରି ଯଥାଶୀଘ୍ର ହୋଇ କାର୍ଯ୍ୟ ଆରମ୍ଭ ହେବ।

## ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସରେ ମୁଖ୍ୟମନ୍ତ୍ରୀ

# ସବୁଜ ବଳୟ ସୃଷ୍ଟିରେ ଓଡ଼ିଶା ଅଗ୍ରଣୀ



ଭୁବନେଶ୍ୱର,(ଜା.ପ୍ର): 'ଉତ୍ତମ ବନ ପରିଚାଳନା ପଦ୍ଧତି, ବ୍ୟାପକ ବୃକ୍ଷରୋପଣ ଓ ଜନସଚେତନତା ଜରିଆରେ ଓଡ଼ିଶା ବନ ସୁରକ୍ଷା ଓ ସବୁଜ ବଳୟ ସୃଷ୍ଟିରେ ଦେଶର ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ଲାଭ କରିଛି। ଗତ ଦୁଇ ବର୍ଷ ମଧ୍ୟରେ କେବଳ ରାଜ୍ୟରେ ୫୫୮ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣ ବୃଦ୍ଧି ଘଟିଛି। ବର୍ତ୍ତମାନ ରାଜ୍ୟର ସମୁଦାୟ ଭୂମି କ୍ଷେତ୍ରର ୩୭.୭୩ ପ୍ରତିଶତ ଅର୍ଥାତ ୫୮,୫୯୭ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣରେ ପରିପୂର୍ଣ୍ଣ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଐତିହାସିକ 'ଏକ ପେଡ୍ ମା' କେ ନାମ୍' ଅଭିଯାନରେ ରାଜ୍ୟରେ ଗୋଟିଏ ଦିନରେ ୧.୪୯ କୋଟି ଚାରାରୋପଣ ସହିତ ଏକ ବର୍ଷ ମଧ୍ୟରେ ୮ କୋଟିରୁ ଅଧିକ ଚାରାରୋପଣ କରାଯାଇଛି।' ଭୁବନେଶ୍ୱର ଲୋକସେବା ଭବନ କନଭେନସନ୍ ସେଣ୍ଟର ଠାରେ ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଏହାଛଡ଼ା ମୁଖ୍ୟମନ୍ତ୍ରୀ କହିଛନ୍ତି ପ୍ରକୃତିର ଅନନ୍ୟ ବରଦାନ ହେଉଛି ଆମର ସବୁଜ ବନାନୀ। ଏହା ଆମ ଜୀବନ ଓ ଜୀବିକାର ଆଧାର ଅଟେ। ସୁସ୍ଥ ପରିବେଶ ତଥା ମନୁଷ୍ୟ ଜୀବନରେ ବଣ ଜଙ୍ଗଲର ମହତ୍ତ୍ୱ ବିଷୟରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆମେ ଏହି ବିଶ୍ୱ ବନ ଦିବସ ପାଳନ କରୁଛୁ। ଜଙ୍ଗଲ ସଂରକ୍ଷଣ ଓ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ସଚେତନତା ବିସ୍ତାର କରିବା ପାଇଁ ଆଜିର ଦିନଟି ଉତ୍ସର୍ଗୀକୃତ। ଆଜି ବିଜ୍ଞାନ ଓ ଟେକ୍ନୋଲୋଜିରେ ଅନେକ ଉନ୍ନତି ହୋଇଛି। କମ୍ ଜାଗା ବ୍ୟବହାର କରି, ପରିବେଶକୁ ଦୂଷିତ ନକରି ଶିଳ୍ପାୟନ କରିବା ଆଜି ସମ୍ଭବ ହୋଇପାରିଛି। ତେଣୁ, ଯଦି ଆମେ ପରିବେଶ ଓ ଶିଳ୍ପାୟନ ମଧ୍ୟରେ ଉପଯୁକ୍ତ ବାଲାନ୍ସ ରଖିପାରିବା ତେବେ ପରିବେଶ ଓ ଶିଳ୍ପାୟନ ପରସ୍ପର ଅନୁପୂରକ ବଦଳରେ ପରିପୂରକ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଚଳିତ ବର୍ଷ ବିଶ୍ୱ ବନ ଦିବସ ପାଳନର ବିଷୟବସ୍ତୁ 'ଜଙ୍ଗଲ ଓ ଅର୍ଥନୀତି' ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜଙ୍ଗଲ କେବଳ ପରିବେଶ ପାଇଁ ନୁହେଁ, ବରଂ ଆମ ରାଜ୍ୟ ତଥା ଦେଶର ବିକାଶ ପାଇଁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଜଙ୍ଗଲ ସୁରକ୍ଷା ସହିତ ଆମେ ଜଙ୍ଗଲକୁ ଜୀବିକା ଅର୍ଜନର ପ୍ରମୁଖ ମାଧ୍ୟମ ଭାବେ ପରିଣତ କରିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ କରି ସଫଳ ହୋଇଛୁ। ସମସ୍ତଙ୍କ ସହଯୋଗ ରହିଲେ ଆମେ ଏ କ୍ଷେତ୍ରରେ ଆହୁରି ଆଗକୁ ବଢ଼ିବୁ। ବନ ସୁରକ୍ଷା ଓ ଜଙ୍ଗଲ ସୃଷ୍ଟି କ୍ଷେତ୍ରରେ କାମ କରୁଥିବା ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇ ଜଙ୍ଗଲ ନିଆଁ ରୋକିବା ଏବଂ ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷ ରୋକିବା ଦିଗରେ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ମନୁଷ୍ୟକୃତ ଜଙ୍ଗଲ ନିଆଁ ପାଇଁ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭାଗ ପକ୍ଷରୁ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ବୁଲି ଦେଖିବା ସହିତ ଜଙ୍ଗଲ ସୁରକ୍ଷା ସମ୍ବନ୍ଧିତ ପୁସ୍ତକ ଉନ୍ମୋଚନ ଏବଂ ଉତ୍ତମ ପ୍ରଦର୍ଶନକାରୀ ବନାଞ୍ଚଳ ଅଧିକାରୀ, ବନପାଳ ଓ ବନରକ୍ଷୀମାନଙ୍କୁ ସମ୍ମାନିତ କରିଥିଲେ।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଥିଲେ ଯେ, ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳର ଲୋକମାନଙ୍କ ଜୀବନ ଜୀବିକାକୁ ଆଗକୁ ନେବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡ଼ିକରେ ଏ କାର୍ଯ୍ୟକୁ ବିଭାଗ ପକ୍ଷରୁ ଆହୁରି କ୍ରିୟାଶୀଳ କରାଯାଇଛି। ସେମାନଙ୍କ ପାଇଁ କେବଳ ଜଙ୍ଗଲ ଉପରେ ନିର୍ଭର ନକରି ଅନ୍ୟାନ୍ୟ ଜୀବନଜୀବିକା ଉପାର୍ଜନ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରାଯାଉଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ୨୦୩୬ ଓ ୨୦୪୭କୁ ଆଖି ଆଗରେ ରଖି ଆମର ବହୁତ ବଡ଼ ଲକ୍ଷ୍ୟ ରହିଛି। ଓଡ଼ିଶା ଅର୍ଥନୀତିର ଅଭିବୃଦ୍ଧି ସହିତ ବ୍ୟାପକ ନିଯୁକ୍ତି ଲକ୍ଷ୍ୟ ରହିଛି। ପର୍ଯ୍ୟଟନ କ୍ଷେତ୍ରରୁ କେବଳ ୨୫ ଲକ୍ଷ ନିଯୁକ୍ତି ପାଇଁ ଯୋଜନା ରହିଛି। ପର୍ଯ୍ୟଟନ କ୍ଷେତ୍ରର ନିଯୁକ୍ତିରେ ଜଙ୍ଗଲ ବିଭାଗର ବହୁତ ବଡ଼ ଭୂମିକା ରହିବ। ତେଣୁ ଆମକୁ ଜଙ୍ଗଲକୁ କେବଳ ଇକୋଲୋଜିକାଲ କଣ୍ଟ୍ରିବ୍ୟୁଟର ଭାବେ ନୁହେଁ ଇକୋନୋମିକାଲ କଣ୍ଟ୍ରିବ୍ୟୁଟର ଭାବେ ଗଢ଼ି ତୋଳିବାକୁ ପଡ଼ିବ। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଡ. କେ ମୁରଗେଶନ ଧନ୍ୟବାଦ ଦେଇଥିଲେ।

## ୫ ସ୍ୱର୍ଣ୍ଣ ସହ ୧୭ ପଦକ ପାଇଲା ଓଡ଼ିଶା

ଭୁବନେଶ୍ୱର,(ଜା.ପ୍ର): ହାର୍ ଜିତ ତ ସବୁ ଖେଳାଳି ଜୀବନରେ ଆସିଥାଏ, କିନ୍ତୁ ପ୍ରକୃତ ଜୀବନର ସଂଘର୍ଷକୁ ଜିତିଯାଇଥିବା ବିଜେତା ହେଉଛନ୍ତି ଆପଣମାନେ। କାରଣ ଆପଣମାନେ ନିଜର ଦୁର୍ବଳତାକୁ ନିଜର ଶକ୍ତି କରିଦେଇଛନ୍ତି। ସଫଳତା ଆପଣମାନଙ୍କୁ ଅପେକ୍ଷା କରି ରହିଛି। ଆପଣଙ୍କୁ କେହି ଅଟକେଇ ପାରିବେ ନାହିଁ। ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶନିବାର ୨୪ ତମ ଜାତୀୟ ପାରା ଆଥଲେଟିକ୍ ଚାମ୍ପିଅନସିପ ଆଜି ସ୍ଥାନୀୟ କଳିଙ୍ଗ ଷ୍ଟାଡିଅମ ଠାରେ ଉଦଯାପିତ ହୋଇଯାଇଛି। ହରିୟାଣା ପ୍ରଥମ, ତାମିଲନାଡୁ ଦ୍ୱିତୀୟ, ଗୁଜୁରାଟ ତୃତୀୟ ହୋଇଥିବାବେଳେ ୫ଟି ସ୍ୱର୍ଣ୍ଣ ସହିତ ୧୭ଟି ପଦକ ପାଇଛି ଓଡ଼ିଶା।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସମସ୍ତ ବିଜେତା ଆଥଲେଟମାନଙ୍କୁ ପୁରସ୍କୃତ କରିବା ସହିତ ଆଗାମୀ ସମୟରେ ସମସ୍ତ ଖେଳରେ ନିଜର ପରିଶ୍ରମ ଅବ୍ୟାହତ ରଖିବାପାଇଁ ପରାମର୍ଶ ଦେଇଥିଲେ।




ମୁଖ୍ୟମନ୍ତ୍ରୀ ସମସ୍ତ ଆଥଲେଟମାନଙ୍କୁ ଆଗାମୀ ଏସିଆନ ପାରା ଗେମ୍ସରେ ଦେଶ ପାଇଁ ଗୌରବ ଆଣିବାକୁ କହିଥିଲେ ଏବଂ ଏହି ଅବସରରେ ଓଡ଼ିଶା କଣ୍ଟିଜେଣ୍ଟର ୪୦ଜଣ ଆଥଲେଟଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅଭିନନ୍ଦନ ଜଣାଇଥିଲେ। ନିଜ ଅଭିଭାଷଣରେ ଅଲିମ୍ପିକ ପଦକ ବିଜେତା ପ୍ରମୋଦ ଭଗତ ଓ ଭି. ରମେଶ ରାଓଙ୍କ ପରି କ୍ରୀଡ଼ାବିତଙ୍କ ପଥ ଅନୁସରଣ କରି ଉତ୍କର୍ଷ ହାସଲ କରିବା ପାଇଁ ଉଦ୍ୟମ ଜାରି ରଖନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କ୍ରୀଡ଼ାବିତମାନଙ୍କୁ କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଆଜି ଯେଉଁ ଓଡ଼ିଆ ଆଥଲେଟମାନେ ସଫଳତା ହାସଲ କରିଛନ୍ତି, ମେଡାଲ ପାଇଛନ୍ତି, ସେମାନେ ତାଙ୍କର ଉଦ୍ୟମ ଜାରି ରଖନ୍ତୁ, ବିଶ୍ୱସ୍ତରରେ ନିଜର ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରନ୍ତୁ। ବିଶ୍ୱରେ ଓଡ଼ିଶାର ପ୍ରତିଭାକୁ ନୂଆ ପରିଚୟ ଦିଅନ୍ତୁ।

ଆଜି ବିଶ୍ୱର କ୍ରୀଡ଼ା ମାନଚିତ୍ରରେ ଓଡ଼ିଶା ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିପାରିଛି। ଆମକୁ ଆଉ ଏକ ସୁନ୍ଦର ସୁଯୋଗ ମିଳିଛି କାରଣ ବିଶ୍ୱ ଇଣ୍ଡୋର ଚମ୍ପିଅନସିପ୍ -୨୦୨୮ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ତେଣୁ ଓଡ଼ିଶାରେ କ୍ରୀଡ଼ାର ଉନ୍ନତି ପାଇଁ ଭିତ୍ତିଭୂମି ବିକାଶ, କ୍ରୀଡ଼ା ପ୍ରତିଭା ଚିହ୍ନଟ, ପ୍ରଶିକ୍ଷଣ ଏବଂ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ ପାଇଁ ଆମର ଉଦ୍ୟମ ଜାରି ରହିବ। ଭାରତ ତଥା ଓଡ଼ିଶାରେ କ୍ରୀଡ଼ାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀସବୁ ସମୟରେ ସହଯୋଗ ଓ ସହାୟତା ଦେଇଆସିଛନ୍ତି ସେଥିପାଇଁ ଅନେକ ଅନେକ ଧନ୍ୟବାଦ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ବିଧାନସଭାରେ ଦଳର ବିଧାୟକ ସଂଖ୍ୟା ୪୨କୁ ହ୍ରାସ

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ ଅଭିଯୋଗରେ ବିଜୁ ଜନତା ଦଳ ବା ବିଜେଡି ୬ଜଣ ବିଧାୟକଙ୍କୁ ଦଳରୁ ନିଲମ୍ବନ କରିଛି। ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବଡ୍ଡା ବିଧାୟିକା ସୁବାସିନୀ ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଓ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ଏହି ବିଧାୟକମାନେ ଦଳବିରୋଧୀ କାର୍ଯ୍ୟକଳାପ କରିଥିବାର ପ୍ରମାଣିତ ହୋଇଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ତେବେ ଏହି ବିଧାୟକମାନଙ୍କୁ ଆଜି ତତ୍କାଳ ପ୍ରଭାବରୁ ନିଲମ୍ବନ କରାଯିବା ପରେ ଦଳର ବିଧାୟକ ସଂଖ୍ୟା ବିଧାନସଭାରେ ୪୨କୁ ହ୍ରାସ ପାଇଛି। ରାଜ୍ୟସଭା ନିର୍ବାଚନରେ ଦଳୀୟ ହ୍ୱିପ୍ ଅମାନ୍ୟ କରି ଦଳର ନିଷ୍ପତ୍ତି ବିରୋଧରେ ସମ୍ପୃକ୍ତ ୬ ଜଣ ବିଧାୟକ ଭୋଟ୍ ଦେଇଥିଲେ। ଦଳ ପକ୍ଷରୁ ସେମାନଙ୍କୁ ସୋ କଜ୍ ନୋଟିସ ପରେ, ସେମାନେ ମଧ୍ୟ ଉତ୍ତର ରଖିଥିଲେ। ଏହା ପରେ ଦଳ ସେମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନେବ, ସେ ନେଇ ଶନିବାର ନବୀନ ନିବାସରେ ବିଜେଡିର ରାଜନୈତିକ ବ୍ୟାପାର କମିଟି ବା ପିଏସି ବୈଠକ ଅନୁଷ୍ଠିତ ହୋଇଥିଲା। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପିଏସି ବୈଠକରେ ସମ୍ପୃକ୍ତ ୬ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆଲୋଚନା ହୋଇଥିଲା। କାର୍ଯ୍ୟାନୁଷ୍ଠାନ ପାଇଁ ପିଏସି ସଦସ୍ୟମାନେ ଦଳର ସୁପ୍ରିମୋଙ୍କୁ ଦାୟିତ୍ୱ ଦେଇଥିଲେ। ଏହା ପରେ ୬ ବିଧାୟକମାନଙ୍କୁ ଦଳରୁ ସସପେଣ୍ଡ କରାଯାଇଛି। ପିଏସି ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରିଥିବା ୬ ବିଧାୟକ ଶୁକ୍ରବାର ଯେଉଁ ଜବାବ ଦେଇଥିଲେ, ତାହାକୁ ଦଳର ଶୃଙ୍ଖଳା କମିଟି ବିଧିବଦ୍ଧ ଭାବେ ଅନୁଧ୍ୟାନ କରିଥିଲେ। କମିଟି ଏହି ଜବାବରେ ସନ୍ତୁଷ୍ଟ ନହୋଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଥିଲେ। ଏହି ବିଧାୟକମାନଙ୍କ ସଦସ୍ୟତା ରଦ୍ଦ କରିବା ପାଇଁ ଖୁବଶୀଘ୍ର ବିଧାନସଭା ବାଚସ୍ପତିଙ୍କୁ ପତ୍ର ଲେଖାଯିବ। ଦଳ ବିରୋଧୀ କାର୍ଯ୍ୟ ପାଇଁ ଯେଉଁଭଳି ଆଇନଗତ ପଦକ୍ଷେପ ନେବାକୁ ପଡ଼ିବ, ଦଳ ସେଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି।

ଜାତୀୟ ଚେତନା
JATIYA CHETANA



ଜାତୀୟ ଚେତନା
JATIYA CHETANA

# ବିଷ ବଳୟର ଧାରା

ବ୍ରିଟିଶ ଜୀବବିଜ୍ଞାନୀ ତଥା ରିଭର ମନଷ୍ଟର୍ସ ଉପସ୍ଥାପକ ଜେରେମି ୱେଡ୍ ରହସ୍ୟମୟ ମିଠାପାଣି ପ୍ରାଣୀଙ୍କୁ ଖୋଜିବାରେ ପ୍ରସିଦ୍ଧ। ତାଙ୍କର ଯାତ୍ରା କେବଳ ମାଛ ଧରିବା ନୁହେଁ, ପ୍ରକୃତି ଓ ମାନବ ସମାଜର ସମ୍ପର୍କକୁ ବୁଝିବାରେ କେନ୍ଦ୍ରିତ। ଭାରତରେ ଗଙ୍ଗା ପରିଦର୍ଶନ ସମୟରେ ସେ ନଦୀକୁ କେବଳ ଧାର୍ମିକ ପ୍ରତୀକ ଭାବେ ନୁହେଁ, ବରଂ ପ୍ରଦୂଷଣ ଓ ମାନବୀୟ ଅବହେଳାରେ ଜଡ଼ିତ ଏକ କାହାଣୀ ଭାବେ ଦେଖିଥିଲେ।

ବହୁଳ ଭାବରେ ଚର୍ଚ୍ଚିତ ଭିଡିଓରେ ଜେରେମି ୱେଡ୍ ଗଙ୍ଗାନଦୀର ଜଳ ପରୀକ୍ଷା କରିଥିଲେ ଏବଂ ଏହାକୁ ଫେକଲ କୋଲିଫର୍ମ ଜୀବାଣୁ ଦ୍ୱାରା ପ୍ରଦୂଷିତ ବୋଲି ପାଇଥିଲେ, ଯାହା ମାନବ ମଳର ଉପସ୍ଥିତିକୁ ସୂଚିତ କରିଥିଲା। ତାଙ୍କର ସରଳ ରାସାୟନିକ ପରୀକ୍ଷା ଆଶାକରାଯାଇଥିବା ପରିଷ୍କାର ଫଳାଫଳ ବଦଳରେ ହାଲୁକା ବାଦାମୀ ରଙ୍ଗ ଦେଖାଇଥିଲା, ଯାହା ଗୁରୁତର ପ୍ରଦୂଷଣ ସ୍ତରକୁ ଉଜାଗର କରିଥିଲା। ୱେଡ୍‌ଙ୍କ ପରୀକ୍ଷା, ବିଶେଷକରି କାନପୁର ଆଖପାଖ ଅଞ୍ଚଳରେ ମଳ ପ୍ରଦୂଷଣର ଉଚ୍ଚ ସ୍ତର ସୂଚାଇଥିଲା। କିଛି ରିପୋର୍ଟରେ ମଳ କୋଲିଫର୍ମ ସଂଖ୍ୟା ଉଚ୍ଚ ବୋଲି ଉଲ୍ଲେଖ କରାଯାଇଥିଲା, ଯାହା ଏକ ସମ୍ଭାବ୍ୟ ଜନସ୍ୱାସ୍ଥ୍ୟ ଜରୁରିକାଳୀନ ପରିସ୍ଥିତିକୁ ଇଙ୍ଗିତ କରିଥିଲା। ସାଧାରଣତଃ ପାନୀୟ ଜଳରେ ଫେକଲ କୋଲିଫର୍ମର ପରିମାଣ ୦ ହେବା ଉଚିତ ଏବଂ ଯଦି ଏହା ୫୦୦ରୁ କମ୍ ଥାଏ ତେବେ ଏଥିରେ ପହଁରିପାରିବେ, କିନ୍ତୁ ଗଙ୍ଗାରେ ଏହାର ପରିମାଣ ୮୨,୦୦୦ ମିଳିଥିଲା। ଏହାର ଅର୍ଥ ହେଉଛି ଏଥିରେ ପହଁରିବା ଭୁଲିଯାଆନ୍ତୁ, ଏହାକୁ ଛୁଇଁବା ମଧ୍ୟ ନିଷେଧ। ପ୍ରକୃତରେ, ଯେତେବେଳେ ଜେରେମି ଗଙ୍ଗା ନଦୀରେ ତାଙ୍କର ରିମୋଟ କଣ୍ଟ୍ରୋଲ ସବ୍‌ମେରାଇନକୁ ତଳକୁ ଓହ୍ଲାଇଥିଲେ, ସେତେବେଳେ ସେ ଜଳପୃଷ୍ଠରେ ଅଳିଆ ସହ କେବଳ ପ୍ଲାଷ୍ଟିକ୍ ପାଇଥିଲେ। ତାଙ୍କ ସବ୍‌ମେରାଇନ ପ୍ଲାଷ୍ଟିକ୍‌ରେ ଫସିଯାଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେ ଜାଣିପାରିଲେ ଯେ ଗଙ୍ଗା କ୍ରୋମିୟମ, ସୀସା ଏବଂ ଆର୍ସେନିକ୍ ଭଳି ରାସାୟନିକ ପଦାର୍ଥରେ ପରିପୂର୍ଣ୍ଣ। ଏହି ରାସାୟନିକ ପଦାର୍ଥଗୁଡ଼ିକ ପ୍ରକୃତରେ ଚମଡ଼ା କାରଖାନାରୁ ଆସିଥାଏ। ୱେଡ ତାଙ୍କ ମାଇଟ ରିଭର୍ସ ଡକ୍ୟୁମେଣ୍ଟାରିରେ ଦେଖାଇଥିଲେ ଯେ ଅପରିଷ୍କାର ନର୍ଦ୍ଦମା ଏବଂ ଶିଳ୍ପ ନିର୍ଗତ ବର୍ଜ୍ୟ ନଦୀକୁ ଗୁରୁତର ପ୍ରଦୂଷିତ କରୁଛି, ଯାହା ପାଣିର ପବିତ୍ରତାର ଧାରଣାକୁ ଚ୍ୟାଲେଞ୍ଜ କରୁଛି। ଏହି ବୈଜ୍ଞାନିକ ମୂଲ୍ୟାଙ୍କନ ପରିବେଶଗତ ଅବକ୍ଷୟର ସତ୍ୟକୁ ଉଜାଗରକରି ଉନ୍ନତ ସଂରକ୍ଷଣ ପ୍ରୟାସର ଆବଶ୍ୟକତାକୁ ଉଲ୍ଲେଖ କରିଥିଲା। ଭାରତର ପବିତ୍ର ନଦୀ ଭାବରେ ବିବେଚିତ ଗଙ୍ଗାକୁ କେବଳ ଧାର୍ମିକ ଏବଂ ସାଂସ୍କୃତିକ ଦୃଷ୍ଟିକୋଣରୁ ନୁହେଁ ବରଂ ଜୀବନର ପ୍ରତୀକ ଭାବରେ ଦେଖାଯାଏ। ଏହାର କୂଳରେ ଅନେକ ସଭ୍ୟତା ଜନ୍ମ ନେଇଥିଲା। କିନ୍ତୁ ୱେଡ୍‌ଙ୍କ ସମୟରେ ଯେଉଁ ଚିତ୍ର ଦେଖାଯାଇଥିଲା ତାହା ଏକ କଷ୍ଟକର ବାସ୍ତବତା । ସେ ଦେଖିଥିଲେ ଯେ ଚମଡ଼ା କାରଖାନା ଏବଂ ଅନ୍ୟାନ୍ୟ ଶିଳ୍ପ ପ୍ରତିଷ୍ଠାନ ସେମାନଙ୍କର ବର୍ଜ୍ୟବସ୍ତୁ ଏବଂ ବିଷାକ୍ତ ରାସାୟନିକ ପଦାର୍ଥଗୁଡ଼ିକୁ ଗଙ୍ଗାରେ ବିନା କୌଣସି ପ୍ରତିବନ୍ଧକରେ ଛାଡ଼ି ଦେଉଥିଲେ। ଏହି ପ୍ରଦୂଷଣ କେବଳ ଜଳକୁ ପ୍ରଦୂଷିତ କରୁ ନ ଥିଲା, ବରଂ ଜଳଜୀବଙ୍କ ପାଇଁ ବିପଦ ସୃଷ୍ଟି କରୁଥିଲା। ତାଙ୍କ ଅଭିଜ୍ଞତାରେ ୱେଡ୍ ଗଙ୍ଗାରେ ଜୀବମାନଙ୍କୁ ଦେଖିବା ବିଷୟରେ ବର୍ଣ୍ଣନା କରିଥିଲେ,ଯେଉଁମାନେ ସେମାନଙ୍କର ପ୍ରାକୃତିକ ରୂପ ହରାଇ ବସିଥିଲେ। ମାଛ ଉପରେ କ୍ଷତ, ଅସ୍ୱାଭାବିକ ରଙ୍ଗ ପରିବର୍ତ୍ତନ ଏବଂ କିଛି ପ୍ରଜାତି ସମ୍ପୂର୍ଣ୍ଣ ଲୋପପାଇବା ଚିନ୍ତାର କାରଣ ଥିଲା। ଏହିସବୁ ପ୍ରମାଣିତ କରିଥିଲା ଯେ ଚମଡ଼ା କାରଖାନାରୁ ନିର୍ଗତ କ୍ରୋମିୟମ ଏବଂ ଅନ୍ୟାନ୍ୟ ବିଷାକ୍ତ ପଦାର୍ଥ ପାଣିରେ ମିଶି ସମଗ୍ର ପରିବେଶକୁ ନଷ୍ଟକରୁଥିଲା। ୱେଡ୍ ମଧ୍ୟ ସ୍ପଷ୍ଟ କରିଥିଲେ ଯେ ଏହି ପ୍ରଦୂଷଣ କେବଳ ମାଛ ପାଇଁ ନୁହେଁ, ବରଂ ଏହା ମାନବ ସମାଜ ପାଇଁ ଏକ ବିପଦ ସଙ୍କେତ ଥିଲା। ସେ ଦେଖିଥିଲେ ଯେ ମତ୍ସ୍ୟଜୀବୀମାନେ ଗଙ୍ଗାରୁ ଧରିଥିବା ମାଛ ସ୍ୱାସ୍ଥ୍ୟ ପାଇଁ ଏତେ ଖରାପ ଯେ ବଜାରରେ ସେସବୁ ବିକ୍ରି କରିବା କଷ୍ଟକର। ଏହା ବ୍ୟତୀତ ଚର୍ମରୋଗ, ପେଟରୋଗ ଏବଂ ଅନ୍ୟାନ୍ୟ ସଂକ୍ରମଣ ଭଳି ପ୍ରଦୂଷିତ ଜଳ ଦ୍ୱାରା ହେଉଥିବା ରୋଗ ସାଧାରଣ ହୋଇଯାଇଛି। ୱେଡ୍ ଏହି ସମସ୍ୟାକୁ ଏକ ସତର୍କଘଣ୍ଟି ଭାବରେ ଦେଖିଲେ ଯାହା ଆମକୁ ସତର୍କ କରାଇ ଦେଉଛି ଯେ ଯଦି ଏବେ ପଦକ୍ଷେପ ନ ନେଉ, ତେବେ ଆମେ ଜୀବନକୁ ବିପଦରେ ପକାଇବୁ। ୱେଡ୍‌ଙ୍କ ଦୃଷ୍ଟିକୋଣ ସର୍ବଦା ଜଣେ ବୈଜ୍ଞାନିକ ଏବଂ କାହାଣୀକାରଙ୍କ ପରି ରହିଆସିଛି। ସେ ଗଙ୍ଗାକୁ ତାଙ୍କର ଯାତ୍ରାର କେବଳ ଏକ ଅଭିଜ୍ଞତା ଭାବରେ ନୁହେଁ ବରଂ ଏକ ବାର୍ତ୍ତା ଭାବରେ ଦେଖିଥିଲେ। ସେ କହିଥିଲେ, ଗଙ୍ଗା ଭଳି ପବିତ୍ର ଜଳକୁ ରକ୍ଷାକରିବା କେବଳ ଭାରତର ଦାୟିତ୍ୱ ନୁହେଁ, ବରଂ ସମସ୍ତ ମାନବ ସମାଜର ଦାୟିତ୍ୱ। ଏହି ନଦୀ କେବଳ ଏକ ଭୌଗୋଳିକ ଧାରା ନୁହେଁ; ଏହା ଏକ ଧାରା ଯାହା ମାନବତାକୁ ସଂଯୋଗକରେ, ଯାହା ସଂସ୍କୃତିକୁ ଜୀବନ୍ତ ରଖେ ଏବଂ ଯାହା ପ୍ରକୃତି ସହ ଆମର ସମ୍ପର୍କକୁ ମଜଭୁତ କରେ। ଯଦି ଆମେ ଏହାକୁ ଅଦୃଶ୍ୟ ହେବାକୁ ଦେଉ, ତେବେ ଆମେ ଆମର ଇତିହାସ, ଆମର ଧର୍ମ ଏବଂ ଆମର ଭବିଷ୍ୟତକୁ ନଷ୍ଟ କରିଦେବୁ। ସେ ଚମଡ଼ା କାରଖାନାରୁ ପ୍ରଦୂଷଣକୁ ଏକ ଉଦାହରଣ ଭାବରେ ଉଲ୍ଲେଖ କରିଥିଲେ ଯେ ପୁଞ୍ଜିବାଦ ଏବଂ ଶିଳ୍ପ ଲୋଭ କିପରି ପ୍ରକୃତିକୁ ନଷ୍ଟ କରୁଛି। ଏହାର ପ୍ରଦୂଷଣ କେବଳ ପରିବେଶ ପ୍ରତି ନୁହେଁ ବରଂ ଧାର୍ମିକ ଏବଂ ସାଂସ୍କୃତିକ ଦିଗ ପ୍ରତି ମଧ୍ୟ ଅପମାନ। ଜେରେମି ୱେଡ୍‌ଙ୍କ ଗସ୍ତ ଏକ କାହାଣୀ ପାଲଟିଥିଲା ଯାହା ଆମକୁ ଚିନ୍ତା କରିବାକୁ ବାଧ୍ୟକରେ। ସେ ଯାହା ଦେଖିଲେ ତାହା ଏକ ଚିତ୍ର ଯାହା ଆମ ସମସ୍ତଙ୍କୁ ଆମର କାର୍ଯ୍ୟର ପୁନର୍ବିଚାର କରିବାକୁ ପ୍ରେରଣା ଦିଏ।

# ଆମେରିକାର ଅପରାହ୍ଣ ଓ ଏକାକୀତ୍ୱର ଆଭାସ

ଜିତେନ୍ଦ୍ର କୁମାର ପରିଡ଼ା

ବିଶ୍ୱ ରାଜନୀତିର ମାନଚିତ୍ରରେ ଦିନେ ଯେଉଁ ଆମେରିକା ‘ସୂର୍ଯ୍ୟ’ ଭଳି ଦେଦୀପ୍ୟମାନ ଥିଲା, ଆଜି ସେହି ସାମ୍ରାଜ୍ୟରେ ଅପରାହ୍ଣର ଛାଇ ଲମ୍ବିବାରେ ଲାଗିଛି। ସମୟର ଚକ୍ରରେ ଏହି ଶକ୍ତିଶାଳୀ ରାଷ୍ଟ୍ରର ମୂଳଦୁଆ ଏବେ ଦୋହଲିବାକୁ ଆରମ୍ଭ କଲାଣି। ଆଭ୍ୟନ୍ତରୀଣ ଅସ୍ଥିରତା ଏବଂ ବୈଦେଶିକ ନୀତିର ବିଫଳତା ମଧ୍ୟରେ ଆମେରିକା ଏବେ ଏକ ଅସଂଲଗ୍ନ ଦ୍ୱୀପ ଭଳି ନିଃସଙ୍ଗ ମନେହେଉଛି। ବିଶେଷ କରି ବର୍ତ୍ତମାନ ଆମେରିକା ସମ୍ମୁଖରେ ସବୁଠୁ ବଡ଼ ଚ୍ୟାଲେଞ୍ଜ ହେଉଛି ଦ୍ରୁତ ଗତିରେ ବଢୁଥିବା ବେକାରୀ ସମସ୍ୟା। ଅଧିକରୁ ଅଧିକ ଆମେରିକୀୟ ନିଜର ଜୀବିକା ହରାଇ ଏବେ ସରକାରୀ ସାମାଜିକ ସୁରକ୍ଷା ବ୍ୟବସ୍ଥା ଉପରେ ନିର୍ଭର କରୁଛନ୍ତି। ବେକାରୀଙ୍କ ଭିଡ଼ ଯେତିକି ବଢୁଛି, ସରକାରଙ୍କ ବ୍ୟୟଭାର ସେତିକି ଗୁରୁତର ହେଉଛି। ଏହି ବିଶାଳ ବ୍ୟୟବରାଦକୁ ଭରଣା କରିବା ପାଇଁ ସରକାର ଏବେ ସ୍ୱଚ୍ଛଳ ଓ ଧନୀ ଶ୍ରେଣୀର ଲୋକଙ୍କ ଉପରେ ଟିକସର ବୋଝ ଲଦି ଦେଇଛନ୍ତି, ଯାହା ଫଳରେ ଦେଶ ଭିତରେ ଏକ ଅନ୍ତର୍ନିହିତ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି।

ଇତିହାସ ସାକ୍ଷୀ ଅଛି ଯେ, ଯେତେବେଳେ କୌଣସି ମହାଶକ୍ତି ନିଜର ଆଭ୍ୟନ୍ତରୀଣ ସମସ୍ୟାକୁ ଅଣଦେଖା କରି କେବଳ ବାହ୍ୟ ପ୍ରଦର୍ଶନରେ ବ୍ୟସ୍ତ ରହେ, ତାହାର ପତନ ଅବଶ୍ୟମ୍ଭାବୀ ହୋଇଥାଏ। ଆମେରିକା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଧିକ୍ଷଣ। ଯଦି ସେ ନିଜର ଅର୍ଥନୀତିକୁ ସଜାଡ଼ି ନପାରେ ଏବଂ ନିଃସଙ୍ଗତାର ଏହି ବେଢ଼ିକୁ ଭାଙ୍ଗି ନପାରେ, ତେବେ ବିଶ୍ୱ ରାଜନୀତିରେ ’ଆମେରିକୀୟ ଯୁଗ’ର ସମାପ୍ତି ଅତି ନିକଟତର ବୋଲି ମନେହେବ। ଏହି ପରିପ୍ରେକ୍ଷୀରେ, ଆଗାମୀ ଦିନରେ ଆମେରିକା ନିଜର ସ୍ଥିତି ସୁଧାରିବାରେ ସଫଳ ହେଉଛି କିମ୍ବା ଏହି ଅପରାହ୍ଣର ଛାଇ ଅଧିକ ଗଭୀର ହେଉଛି, ତାହା ଉପରେ ସାରା ବିଶ୍ୱର ନଜର ରହିବ।

ଅନେକଙ୍କ ମତରେ ଟ୍ରମ୍ପଙ୍କ ଶାସନକାଳରେ ଆମେରିକାର ରାଜନୀତି, ଚିନ୍ତାଧାରା, ଦୃଷ୍ଟିକୋଣ ଏବଂ ବିବେଚନାବୋଧରେ ଏଭଳି ପରିବର୍ତ୍ତନ ଆସିଛି, ଯାହା ପୂର୍ବରୁ ଅକଳ୍ପନୀୟ ଥିଲା। ଏହି ବଦଳୁଥିବା ମାନସିକତା ମଧ୍ୟରେ ଆମେରିକାର ଆଭ୍ୟନ୍ତରୀଣ ଅସ୍ଥିରତା ଏକ ବଡ଼ ସଙ୍କଟ ଭାବେ ଉଭା ହୋଇଛି। ବିଶେଷ କରି ବଢୁଥିବା ବେକାରୀ ସମସ୍ୟା ଦେଶର ଅର୍ଥନୀତିକୁ ରକ୍ତହୀନ କରିଦେଇଛି। ଅଧିକରୁ ଅଧିକ ଆମେରିକୀୟ ନିଜର ଜୀବିକା ହରାଇ ଏବେ ସରକାରୀ ସାମାଜିକ ସୁରକ୍ଷାର ଛତ୍ର ତଳେ ଭିଡ଼ ଜମାଉଛନ୍ତି। ଏହି ବିଶାଳ ବ୍ୟୟଭାର ତୁଲାଇବା ଲାଗି ସରକାର ସ୍ୱଚ୍ଛଳ ବ୍ୟକ୍ତିଙ୍କ ଉପରେ ଟିକସର ବୋଝ ବୃଦ୍ଧି କରିବାରେ ଲାଗିଛନ୍ତି, ଯାହା ଦେଶ ଭିତରେ ସାମାଜିକ ବିଭେଦକୁ ଆହୁରି ଗଭୀର କରୁଛି। ମୋଟ ଉପରେ ଦେଖିଲେ, ଆମେରିକାର ଏହି ଦୁର୍ବଳତା ଏବେ ବିଶ୍ୱ ସମୁଦାୟ ସମ୍ମୁଖରେ ଏକ ନିଚ୍ଛକ ସତ୍ୟ ଭାବେ ଉଭା ହୋଇଛି। ବୈଦେଶିକ ନୀତି କ୍ଷେତ୍ରରେ ମଧ୍ୟ ଆମେରିକା ଏବେ ନିଃସଙ୍ଗ ମନେହେଉଛି। ନିଜକୁ ଏକ ଅସଂଲଗ୍ନ ଦ୍ୱୀପରେ ପରିଣତ କରିଦେଇଥିବା ଏହି ସର୍ବଶକ୍ତିମାନ ରାଷ୍ଟ୍ର ନିଜର ପୁରୁଣା ବନ୍ଧୁମାନଙ୍କ ବିଶ୍ୱାସ ହରାଉଛି। ଯେଉଁ ରାଷ୍ଟ୍ର ଦିନେ ବିଶ୍ୱର ନେତୃତ୍ୱ ନେଉଥିଲା, ସେ ଆଜି ନିଜର ଆର୍ଥିକ ଘାଟା ଏବଂ ନିଃସଙ୍ଗତାର ବେଢ଼ି ଭିତରେ ଛନ୍ଦି ହୋଇ ରହିଛି। ଅପରାହ୍ଣରେ ଅବତୀର୍ଣ୍ଣ ଏହି ମହାଶକ୍ତି ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଧିକ୍ଷଣ। ଯଦି ସେ ନିଜର ବିବେଚନାବୋଧକୁ ଫେରି ନପାଏ ଏବଂ ନିଜର ଆଭ୍ୟନ୍ତରୀଣ ସମସ୍ୟାକୁ ସଜାଡ଼ି ନପାରେ, ତେବେ ବିଶ୍ୱ ରାଜନୀତିରେ ‘ଆମେରିକୀୟ ଯୁଗ’ର ସମାପ୍ତି ଅବଶ୍ୟମ୍ଭାବୀ। ଏଭଳି ସ୍ଥଳେ ପୃଥିବୀର ଏହି ସର୍ବଶକ୍ତିମାନ ରାଷ୍ଟ୍ରର ଭବିଷ୍ୟତକୁ ନେଇ ଚାଲିଥିବା ଏହି ଆଲୋଚନା ଏବେ ଅତ୍ୟନ୍ତ ପ୍ରାସଙ୍ଗିକ ମନେହୁଏ।

୨୦୨୫ ମସିହାର ପ୍ରାରମ୍ଭରେ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ଲାଗି ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ବିଶ୍ୱ ରାଜନୀତିରେ ଏକ ନୂତନ ଅଧ୍ୟାୟର ଆରମ୍ଭ ହୋଇଛି। କିନ୍ତୁ ଏହି ପରିବର୍ତ୍ତନ ସହିତ ଆମେରିକୀୟ ବିଦ୍ୱାନ ଓ ଚିନ୍ତକମାନେ ସେମାନଙ୍କ ରାଷ୍ଟ୍ରର କ୍ରମ ପତନକୁ ନେଇ ଯେତିକି ଚିନ୍ତାକୁଳ ହୋଇଉଠିଛନ୍ତି, ତାହା ପୂର୍ବରୁ କଦାଚିତ୍ ଦେଖିବାକୁ ମିଳିଥିଲା। ଯଦିଓ ବିଗତ ଦେଢ଼ ଦଶନ୍ଧି ଧରି ବିଶ୍ଳେଷକମାନେ ଇଙ୍ଗିତ ଦେଇ ଆସୁଥିଲେ ଯେ ଆମେରିକାର ସୂର୍ଯ୍ୟ ମଧ୍ୟାହ୍ନ ରେଖା ଅତିକ୍ରମ କରି ଅସ୍ତାଚଳଗାମୀ ହେବା ଆରମ୍ଭ କଲାଣି, ତଥାପି ବର୍ତ୍ତମାନର ସ୍ଥିତି ଏହି ପତନକୁ ଅଧିକ ସ୍ପଷ୍ଟ ଓ ଦ୍ରୁତ କରିଦେଇଛି। ପ୍ରତ୍ୟେକ ସଭ୍ୟତା ଓ ସାମ୍ରାଜ୍ୟ ଉତ୍ଥାନର ଶିଖର ସ୍ପର୍ଶ କରିବା ପରେ ନିମ୍ନଗାମୀ ହୁଅନ୍ତି; କିନ୍ତୁ ଅନେକ ସମୟରେ ଏହି ପତନ ଏତେ ଦ୍ରୁତତର ହୁଏ ଯେ ତାହା ସମଗ୍ର ବିଶ୍ୱକୁ ବିବ୍ରତ କରିଦିଏ। ଆମେରିକା କ୍ଷେତ୍ରରେ ଏବେ ଠିକ୍ ସେଇଆ ଘଟୁଛି।

ନିକଟରେ ଆମେରିକାର ପ୍ରସିଦ୍ଧ ବିଦ୍ୱାନ ଫରିଦ ଜାକାରିଆ ଏକ ଚମତ୍କାର ଆଲୋଚନାରେ ଦର୍ଶାଇଛନ୍ତି କିଭଳି ଅତୀତର ଗ୍ରେଟ୍ ବ୍ରିଟେନ ନିଜ ଭାଗ୍ୟର ସନ୍ଧ୍ୟା ଆଡ଼କୁ ଗତି କରିବା ବେଳର ଅପଲକ୍ଷଣମାନ ସମ୍ପ୍ରତି ଆମେରିକା ଠାରେ ଦେଖିବାକୁ ମିଳୁଛି। ଊନବିଂଶ ଶତାବ୍ଦୀର ଅନ୍ତିମ ଚରଣ ବେଳକୁ ପୃଥିବୀର ସର୍ବାଧିକ ଶକ୍ତିଶାଳୀ ରାଷ୍ଟ୍ର ଥିଲା ଗ୍ରେଟ୍ ବ୍ରିଟେନ ଓ ପୃଥିବୀର ଅର୍ଥନୈତିକ ରାଜଧାନୀ ଥିଲା ଲଣ୍ଡନ। ସେହି ସମୟରେ ପୃଥିବୀର ମୋଟ ଜି.ଡି.ପି.ରେ ବ୍ରିଟେନର ଅଂଶ ଥିଲା ପାଖାପାଖି ୨୫ ପ୍ରତିଶତ, ଯାହା ସାମ୍ପ୍ରତିକ ଆମେରିକା ସହିତ ପ୍ରାୟ ସମାନ। ନେପୋଲିଅନଙ୍କ ପ୍ରଭୁତ୍ୱ ହେଉ ବା କ୍ରିମିଆ ଯୁଦ୍ଧରେ ରୁଷିଆର ମହତ୍ତ୍ୱାକାଂକ୍ଷା, ବ୍ରିଟେନ ଏସବୁକୁ ଚୂର୍ଣ୍ଣ କରିଥିଲା। କିନ୍ତୁ ବ୍ରିଟେନର ଔଦ୍ଧତ୍ୟ ତାକୁ ଅନେକ ଅନାବଶ୍ୟକ ଯୁଦ୍ଧରେ ଲିପ୍ତ କରିଥିଲା। ସୋମାଲିଆ, ସୁଦାନ ଠାରୁ ଇରାକ ପର୍ଯ୍ୟନ୍ତ ବିଭିନ୍ନ ରାଷ୍ଟ୍ରରେ ବିଦ୍ରୋହ ଦମନ ନାମରେ ବ୍ରିଟେନ ନିଜର ବିପୁଳ ସମ୍ବଳ ଅପଚୟ କରି ଶେଷରେ ସାମର୍ଥ୍ୟ ହରାଇ ବସିଥିଲା। ଆଜି ଆମେରିକା ଠିକ୍ ସେହି ଐତିହାସିକ ଭୁଲର ପୁନରାବୃତ୍ତି କରୁଥିବା ମନେହେଉଛି। ସୋଭିଏତ ରୁଷିଆର ବିଲୟ ପରେ ନିଜକୁ ନିରଙ୍କୁଶ ମଣୁଥିବା ଆମେରିକା ଅନେକ ଅନାବଶ୍ୟକ ଯୁଦ୍ଧ ଓ ବିଦ୍ରୋହ ସଂରଚନାରେ ଲିପ୍ତ ହୋଇଛି, ଯେମିତି ଏବର ଇରାନ ବିରୋଧୀ ଅଭିଯାନ ‘ଏପିକ୍ ଫ୍ୟୁରି’। ଜାକାରିଆଙ୍କ ମତରେ ଆମେରିକା ଏଭଳି ଭାବେ ଅର୍ଥର ଅପଚୟ କରୁଥିବା ବେଳେ ଚୀନ ନୀରବରେ ନିଜର ଶକ୍ତି ବୃଦ୍ଧି କରିବାରେ ନିମଗ୍ନ। ଏପରିକି ଇରାନ ଉପରେ ଆମେରିକାର ଆକ୍ରମଣ ଚୀନ ପାଇଁ ଏକ ସୁଯୋଗ ସୃଷ୍ଟି କରିଛି। ଆମେରିକାର କ୍ଷମତାସୀନ ନେତାମାନଙ୍କ ବିଚାର ବୁଦ୍ଧିରେ ବିଭ୍ରଂଶର ସଂକେତ ଟ୍ରମ୍ପଙ୍କ ଶାସନରେ ଅଧିକ ତ୍ୱରାନ୍ୱିତ ହୋଇଛି। ବିଶ୍ୱ ସ୍ତରୀୟ ଅନୁଷ୍ଠାନଗୁଡ଼ିକର ନେତୃତ୍ୱ ନେବା ପରିବର୍ତ୍ତେ ସେ ସବୁରୁ ଓହରି ଆସିବା, ପାରମ୍ପରିକ ମିତ୍ର ରାଷ୍ଟ୍ରଗୁଡ଼ିକ ଉପରେ ଟାରିଫ ଆକ୍ରମଣ କରିବା ଏବଂ ବିଶ୍ୱ ଶୃଙ୍ଖଳାକୁ କ୍ଷୁଣ୍ଣ କରିବା ଦ୍ୱାରା ଆମେରିକା ନିଜ ପାଇଁ ଏକ ‘ଉପଦ୍ରବୀ ଦେଶ’ର କୁଖ୍ୟାତି ଅର୍ଜନ କରିଛି। ଏହାର ପରିଣାମ ଏତେ ଭୟଙ୍କର ଯେ କାନାଡା ଭଳି ସହୋଦର ସୁଲଭ ରାଷ୍ଟ୍ର ମଧ୍ୟ ଏବେ ଚୀନ ନିକଟରେ ଉପସ୍ଥିତ ହେଲାଣି।

ମୋଟ ଉପରେ ଦେଖିଲେ, ଆମେରିକା ଆଜି ନିଜକୁ ଏକ ଅସଂଲଗ୍ନ ଦ୍ୱୀପରେ ପରିଣତ କରି ନିଃସଙ୍ଗ ଭଳି ଦିଶୁଛି। ଚୀନର ସୂର୍ଯ୍ୟୋଦୟ ଆକାଶକୁ ଫର୍ଚ୍ଚା କରୁଥିବା ବେଳେ ଆମେରିକାର ଆଲୋକ ମଳିନ ପଡ଼ିବା ନିଶ୍ଚିତ ଭାବେ ଏକ ବଡ଼ ସଭ୍ୟତାର ପତନର ସଙ୍କେତ। ଆଗାମୀ ଦିନରେ ଏହି ‘ସୂର୍ଯ୍ୟାସ୍ତ’କୁ ରୋକିବା ପାଇଁ ଆମେରିକା ପାଖରେ କୌଣସି ଶକ୍ତି ବାକି ଅଛି କି ନାହିଁ, ତାହା ହିଁ ଏବେ ବିଶ୍ୱ ପାଇଁ ସବୁଠୁ ବଡ଼ ପ୍ରଶ୍ନ। ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ଲାଗି ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ବିଶ୍ୱ ରାଜନୀତିରେ ଏକ ନୂତନ ଅଧ୍ୟାୟର ଆରମ୍ଭ ହୋଇଛି। କିନ୍ତୁ ଏହି ପରିବର୍ତ୍ତନ ସହିତ ଆମେରିକୀୟ ବିଦ୍ୱାନ ଓ ଚିନ୍ତକମାନେ ସେମାନଙ୍କ ରାଷ୍ଟ୍ରର କ୍ରମ ପତନକୁ ନେଇ ଯେତିକି ଚିନ୍ତାକୁଳ ହୋଇଉଠିଛନ୍ତି, ତାହା ପୂର୍ବରୁ କଦାଚିତ୍ ଦେଖିବାକୁ ମିଳିଥିଲା। ପ୍ରସିଦ୍ଧ ଜନ ବିଦ୍ୱାନ ଫରିଦ ଜାକାରିଆ ଅତୀତର ଗ୍ରେଟ୍ ବ୍ରିଟେନର ଭାଗ୍ୟ ସହ ସାମ୍ପ୍ରତିକ ଆମେରିକାର ତୁଳନା କରିଥିବା ବେଳେ, ପ୍ରସିଦ୍ଧ ଇତିହାସକାର ଆଲଫ୍ରେଡ୍ ମକ୍‌କୟଙ୍କ ନିକଟରେ ପ୍ରକାଶିତ ପୁସ୍ତକ ‘କୋଲ୍ଡ ୱାର ଅନ ଫାଇଭ କଣ୍ଟିନେଣ୍ଟ୍ସ’ ଏହି ଅଧଃପତନର ଏକ ଭୟଙ୍କର ଚିତ୍ର ପ୍ରଦାନ କରେ।ଏହି ପରିପ୍ରେକ୍ଷୀରେ ଆମେରିକାର ପ୍ରସିଦ୍ଧ ଇତିହାସକାର ଓ ଲେଖକ ଆଲଫ୍ରେଡ୍ ମକ୍‌କୟଙ୍କ ଦ୍ୱାରା ରଚିତ ଓ ନିକଟରେ ପ୍ରକାଶିତ ପୁସ୍ତକ ‘କୋଲ୍ଡ ୱାର ଅନ ଫାଇଭ କଣ୍ଟିନେଣ୍ଟ୍ସ’ ବିଶେଷ ପ୍ରଣିଧାନଯୋଗ୍ୟ, ଯହିଁରେ ଆମେରିକାର କ୍ରମ-ଅଧଃପତନ ଉପରେ ଗୋଟିଏ ଅଧ୍ୟାୟ ରହିଛି। ତାଙ୍କ ମତରେ ଏବର ଆମେରିକାରେ ରାଜନୈତିକ ଧ୍ରୁବୀକରଣ ଏଭଳି ଗଭୀର ହୋଇଛି ଯେ ଉଭୟ ରିପବ୍ଲିକାନ ଓ ଡେମୋକ୍ରାଟିକ ଦଳ ପାରସ୍ପରିକ ଆଲୋଚନା ଲାଗି ଆଗ୍ରହୀ ନ ହୋଇ ସଂଘର୍ଷ ପ୍ରମତ୍ତ ଅବସ୍ଥାରେ ବିଦ୍ୟମାନ। ସେ କହନ୍ତି ଯେ ସାଂପ୍ରତିକ ଆମେରିକା ଏକ କ୍ରୋଧ ଫଣଫଣ ରାଷ୍ଟ୍ର ଭଳି ଦିଶିଥାଏ ଏବଂ ଆବେଗ ଦୃଷ୍ଟିରୁ କ୍ରୋଧ କଦାପି ଏକ ଧାରଣକ୍ଷମ ଶକ୍ତି ହୋଇ ନ ଥାଏ। ଏହା ମଧ୍ୟ ଏକ ବାସ୍ତବତା ଯେ ଧାରଣାର ପ୍ରତିଫଳନ କେତେକ ପରିସଂଖ୍ୟାନରେ ମଧ୍ୟ ସ୍ପଷ୍ଟ ହେଉଛି; ଯେମିତି ‘ୱାର୍ଲଡ ଟ୍ରଭେଲ୍ ?ସ ଏଣ୍ଡ ଟୁରିଜମ ସେଣ୍ଟର’ର ରିପୋର୍ଟ ଅନୁସାରେ ଆମେରିକାକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନରେ ତୀବ୍ର ସଂକୋଚନ ଘଟିଥିବାରୁ, ୨୦୨୫ ମସିହାରେ, ଆମେରିକା ୧୨.୫ ବିଲିଅନ ଡଲାର ହରାଇଛି; ୨୦୨୨ ମସିହାର ହିସାବ ଅନୁସାରେ ଆମେରିକୀୟମାନଙ୍କ ହାରାହାରି ଆୟୁଷ ୭୬ ବର୍ଷ, ଯାହା କ୍ୟୁବା (୭୯ ବର୍ଷ) ଠାରୁ ମଧ୍ୟ କମ୍; ଆମେରିକାର ଋଣ ଭାର ହେଉଛି ୩୭ ଟ୍ରିଲିଅନ ଡଲାର, ଯାହା ତା’ର ବାର୍ଷିକ ବଜେଟ ସହିତ ପ୍ରାୟ ସମାନ ଏବଂ ତାହା ଅଚିରେ ଅସହନୀୟ ହୋଇ ଉଠିବା ସୁନିଶ୍ଚିତ; ପ୍ରାୟ ୭୨% ଆମେରିକୀୟ ଏଥି ଜନିତ ଆର୍ଥିକ ବିଭୀଷିକା ନେଇ ସଂତ୍ରସ୍ତ।

ଜାତୀୟ ଚେତନା
JATIYA CHETANA



# ଡେରଜାଙ୍ଗ ଡ୍ୟାମ୍‌ରେ 'ବୋଟିଂ ସୁବିଧା'ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୁଳ ଜିଲ୍ଲା ବଅଁରପାଳ ସ୍ଥିତ ଡେରଜାଙ୍ଗ ଠାରେ ବହୁପ୍ରତୀକ୍ଷିତ 'ବୋଟିଂ ସୁବିଧା'ର ଶୁଭାରମ୍ଭ କରିଛନ୍ତି। ପ୍ରାୟ ୬ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଜିଲ୍ଲାର ପର୍ଯ୍ୟଟନ ଶିଳ୍ପକୁ ଏକ ନୂତନ ପରିଚୟ ଦେବା ସହ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଏହାଛଡ଼ା କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଅନୁଗୁଳ ଜିଲ୍ଲା ପ୍ରାକୃତିକ ଓ ସାଂସ୍କୃତିକ ବିଭବରେ ପରିପୂର୍ଣ୍ଣ। ସାତକୋଶିଆ ଅଭୟାରଣ୍ୟରୁ ଆରମ୍ଭ କରି ରେଙ୍ଗାଲି ଜଳଭଣ୍ଡାରର ସୌନ୍ଦର୍ଯ୍ୟ ଏବଂ ମା' ବୁଢ଼ୀ ଠାକୁରାଣୀଙ୍କ ପୀଠ ପର୍ଯ୍ୟନ୍ତ, ଏହି ଅଞ୍ଚଳର ଏକ ସ୍ୱତନ୍ତ୍ର ମାହାତ୍ମ୍ୟ ରହିଛି। ମହାନଦୀ ଓ ବ୍ରାହ୍ମଣୀ ଭଳି ଦୁଇ ପବିତ୍ର ନଦୀର ପ୍ରବାହ ଏହି ମାଟିକୁ ଗୌରବାନ୍ୱିତ କରିଛି। ଡବଲ୍ ଇଞ୍ଜିନ ସରକାରର ମିଳିତ ପ୍ରୟାସରେ ଏହି ସମ୍ଭାବନାକୁ ଉପଯୋଗ କରି ଅନୁଗୁଳକୁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ିତୋଳିବା ଆମର ମୁଖ୍ୟ ଲକ୍ଷ୍ୟ।

ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ଯେ, ଡେରଜାଙ୍ଗ ପ୍ରକଳ୍ପ ପୂର୍ବରୁ କେବଳ ଜଳସେଚନ ଓ ପାନୀୟ ଜଳ ଯୋଗାଣରେ ସୀମିତ ଥିଲା, କିନ୍ତୁ ଏବେ ଏହା ଏକ ଅତ୍ୟାଧୁନିକ ପର୍ଯ୍ୟଟନ ସ୍ଥଳୀ ଭାବେ ଉଭା ହୋଇଛି। ଏଠାରେ ପର୍ଯ୍ୟଟକମାନେ ସ୍ପିଡ୍ ବୋଟ୍, ପେଡାଲ୍ ବୋଟ୍, ଜେଟ୍ ସ୍କି ଏବଂ ପେଡାଲ୍ ସ୍ୱାନ ବୋଟ୍‌ର ମଜା ନେଇପାରିବେ। ଏହି ସୁବିଧା ସ୍ଥାନୀୟ ଯୁବକମାନଙ୍କ ପାଇଁ ନୂତନ ରୋଜଗାରର ସୁଯୋଗ ସୃଷ୍ଟି କରିବ। ଏଥିସହ ଆଗାମୀ ଦିନରେ ଜଙ୍ଗଲ ବିଭାଗ ପକ୍ଷରୁ ଏଠାରେ ଏକ 'ଇକୋ ଲଜ୍' ନିର୍ମାଣ ପାଇଁ ଯୋଜନା ରହିଛି, ଯାହା ପର୍ଯ୍ୟଟକଙ୍କୁ ଏକ ସ୍ମରଣୀୟ ଅନୁଭୂତି ପ୍ରଦାନ କରିବ। ଏହି ସାଧୁ ଉଦ୍ୟମ ପାଇଁ ସେ ଜିଲ୍ଲା ପ୍ରଶାସନ, ଜଙ୍ଗଲ ବିଭାଗ ଓ ଜଳସେଚନ ବିଭାଗକୁ ସାଧୁବାଦ ଜଣାଇଛନ୍ତି ।

ଏହାପରେ କେନ୍ଦ୍ରମନ୍ତ୍ରୀ ବଡ଼କେରଜାଙ୍ଗ ମଣ୍ଡଳ ତରଫରୁ ଆୟୋଜିତ 'ନାଗରିକ ସମ୍ବର୍ଦ୍ଧନା ସଭା'ରେ ଯୋଗଦେଇଥିଲେ। ସେଠାରେ ସେ କହିଥିଲେ ଯେ, ଆମ ସରକାରର ମୂଳ ମନ୍ତ୍ର ହେଉଛି ଗରିବ କଲ୍ୟାଣ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଠାରୁ ଆରମ୍ଭ କରି ସାମାଜିକ ସୁରକ୍ଷା ଭତ୍ତା ପର୍ଯ୍ୟନ୍ତ, ପ୍ରତିଟି ସରକାରୀ ସୁବିଧା ଯେପରି ଯୋଗ୍ୟ ହିତାଧିକାରୀଙ୍କ ପାଖରେ ସ୍ୱଚ୍ଛତାର ସହ ପହଞ୍ଚିବ, ସେଥିପାଇଁ ଆମେ ପ୍ରତିବଦ୍ଧ। ଜଳସେଚନର ବିସ୍ତାର, ଉନ୍ନତ ଗମନାଗମନ ଏବଂ ପର୍ଯ୍ୟାବରଣର ସନ୍ତୁଳନ ରକ୍ଷା କରିବା ଆମର ସର୍ବୋଚ୍ଚ ପ୍ରାଥମିକତା ରହିବ ବୋଲି ସେ କହିଥିଲେ।

# ଓଡ଼ିଶା ଏକ ଅନୁଭୂତିପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀ: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅହମ୍ମଦାବାଦର ଗୁଜରାଟ ବିଶ୍ୱବିଦ୍ୟାଳୟ କନଭେନସନ ଏବଂ ପ୍ରଦର୍ଶନୀ କେନ୍ଦ୍ରଠାରେ ତିନି ଦିନିଆ 'ଓଡ଼ିଶା ପର୍ବ ୨୦୨୬'କୁ ଉଦଘାଟନ କରିଛନ୍ତି। ଏହି ଅବସରରେ ଗୁଜରାଟର ଉପମୁଖ୍ୟମନ୍ତ୍ରୀ ହର୍ଷ ରମେଶକୁମାର ସାଙ୍ଘଭି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମାର୍ଚ୍ଚ ୨୧ରୁ ୨୩ ପର୍ଯ୍ୟନ୍ତ ଆୟୋଜିତ ଏହି ମହୋତ୍ସବ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପର୍ଯ୍ୟଟନର ଏକ ବିରଳ ପ୍ରଦର୍ଶନୀ ଅଟେ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ପରିଡ଼ା ସଭାକୁ ସମ୍ବୋଧିତ କରି ଓଡ଼ିଶା ପର୍ବକୁ ଏକ ପ୍ରମୁଖ ସାଂସ୍କୃତିକ



ପ୍ରସାର କାର୍ଯ୍ୟକ୍ରମ ଭାବେ ଅଭିହିତ କରିଥିଲେ। ସେ କହିଥିଲେ ଯେ, ଓଡ଼ିଶା ଏକ ଅନୁଭୂତିପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀ ଯେଉଁଠାରେ ଐତିହ୍ୟ, ଆଧ୍ୟାତ୍ମିକତା, ପ୍ରକୃତି, ଓଡ଼ିଆ ବ୍ୟଞ୍ଜନ ଏବଂ ଆଧୁନିକ ପର୍ଯ୍ୟଟନ ଭିତ୍ତିଭୂମିର ଏକ ଅପୂର୍ବ ସମନ୍ୱୟ ରହିଛି। ଅନ୍ୟପଟେ ଗୁଜରାଟ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସାଙ୍ଘଭୀ ପର୍ଯ୍ୟଟନ କ୍ଷେତ୍ରରେ ଆନ୍ତଃ-ରାଜ୍ୟ ସହଯୋଗର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାର ସାଂସ୍କୃତିକ ବିଭବକୁ ଗୁଜରାଟରେ ପ୍ରଦର୍ଶିତ କରିବା ପାଇଁ ହୋଇଥିବା ଏହି ପ୍ରୟାସକୁ ସେ ପ୍ରଶଂସା କରିବା ସହ ଏହା ଦୁଇ ରାଜ୍ୟ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି କହିଥିଲେ। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, ପରମ୍ପରା, ହସ୍ତଶିଳ୍ପ, ହସ୍ତତନ୍ତ, ସୁଆଦିଆ ବ୍ୟଞ୍ଜନ ଏବଂ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ପ୍ରଦର୍ଶିତ କରାଯାଉଛି। ଏହି ପର୍ବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓର୍ମାସ ଏବଂ ମିଶନ ଶକ୍ତି ବିଭାଗର ସହଯୋଗରେ ଆୟୋଜିତ ହେଉଛି। ଏହି ଉଦଘାଟନୀ ସମାରୋହରେ ଅହମ୍ମଦାବାଦ ମ୍ୟୁନିସିପାଲ କମିଶନର ବାଞ୍ଛାନିଧି ପାଣି, ପର୍ଯ୍ୟଟନ ବିଭାଗର ଶାସନ ସଚିବ ବଲବନ୍ତ ସିଂ ଏବଂ ପର୍ଯ୍ୟଟନ ବଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ତିନି ଦିନ ମଧ୍ୟରେ ପରିଦର୍ଶକମାନେ ଓଡ଼ିଶାର ପ୍ରସିଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପର ପ୍ରଦର୍ଶନୀ, ଓଡ଼ିଶୀ ନୃତ୍ୟ ସମେତ ପାରମ୍ପରିକ ଲୋକନୃତ୍ୟ ଓ ଜନଜାତି ନୃତ୍ୟର ପ୍ରଦର୍ଶନ, ଓଡ଼ିଶାର ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ ତଥା ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ବି୨ବି ଏବଂ ଜି୨ବି ବୈଠକ ଆଦିର ଅନୁଭୂତି ପାଇପାରିବେ।

## ମିଡ଼ିଆ ଟ୍ରାୟାଲ୍ ଗଣତନ୍ତ୍ର ପାଇଁ ହାନିକାରକ: ଜଷ୍ଟିସ ଚିତ୍ତରଞ୍ଜନ ଦାସ

# ସତ୍ୟ ଓ ନିରପେକ୍ଷ ସମ୍ବାଦ ସମାଜକୁ ଶୃଙ୍ଖଳିତ କରେ: ସାଂସଦ ଶୁଭାଶିଷ ଖୁଣ୍ଟିଆ

ପୁରୀ,(ଜା.ପ୍ର): ସୁସ୍ଥ ଗଣତନ୍ତ୍ର ଓ ସଂଯମିତ ସମାଜ ଗଠନରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାତ୍ର ବର୍ତ୍ତମାନ ସମୟରେ ବଢୁଥିବା "ମିଡ଼ିଆ ଟ୍ରାୟାଲ୍" ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ଏବଂ ଏହା ନ୍ୟାୟ ବ୍ୟବସ୍ଥାର ସ୍ୱାଧୀନତାକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ପୁରୀ ସଂସ୍କୃତି ଭବନଠାରେ ଆୟୋଜିତ ଦୈନିକ ସମ୍ବାଦପତ୍ର 'ଯୁବମୋର୍ଚ୍ଚା'ର ଚତୁର୍ଥ ବାର୍ଷିକ ଉତ୍ସବ ଓ ସମ୍ମାନ ପ୍ରଦାନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ବିଚାରପତି ଜଷ୍ଟିସ ଚିତ୍ତରଞ୍ଜନ ଦାସ ଏହି ମତ ପ୍ରକାଶ କରିଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିର ପରି ଆମ ଗଣତନ୍ତ୍ର ଯଦି ଜାତି ଓ ଧର୍ମର ଉର୍ଦ୍ଧ୍ୱରେ ରହେ, ତେବେ ଏକ ସମୃଦ୍ଧ ଭାରତ ଗଠନ ସମ୍ଭବ ବୋଲି ସେ କହିବା ସହ ଜାତିକେନ୍ଦ୍ରିକ ରାଜନୀତି ପରିହାର କରି ଭାରତୀୟତାର ମୂଲ୍ୟବୋଧକୁ ଆପଣେଇବାକୁ ସେ ଆହ୍ୱାନ ଦେଇଥିଲେ।




ଏହି ସମାରୋହରେ 'ଯୁବମୋର୍ଚ୍ଚା' ସମ୍ବାଦପତ୍ରର ସମ୍ପାଦକ ଜଗନ୍ନାଥ ଖୁଣ୍ଟିଆ ସଭାପତିତ୍ୱ କରିଥିବା ବେଳେ ଶ୍ରୀମନ୍ଦିରର ବିଶିଷ୍ଟ ସେବାୟତ ନବକିଶୋର ପତିମହାପାତ୍ର କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ କହିଥିଲେ ଯେ, ଗଣମାଧ୍ୟମଗୁଡ଼ିକ ଜନସାଧାରଣଙ୍କୁ ବିଭ୍ରାନ୍ତ ନକରି ସଠିକ୍ ଓ ନିରପେକ୍ଷ ସମ୍ବାଦ ପ୍ରସାରଣ କରିବା ଉଚିତ। ସମ୍ମାନିତ ଅତିଥି ଭାବେ 'ଦୈନିକ ସମାଜ'ର ପ୍ରାକ୍ତନ ପ୍ରକାଶକ ଡଃ ପ୍ରଭାସ ଆଚାର୍ଯ୍ୟ ଯୋଗଦେଇ କହିଥିଲେ ଯେ, "ଗୋଦି ମିଡ଼ିଆ"ର ପ୍ରଭାବ ଯୋଗୁଁ ସାଧାରଣ ଲୋକଙ୍କ ମୌଳିକ ସମସ୍ୟା ସରକାରଙ୍କ ପର୍ଯ୍ୟନ୍ତ ପହଞ୍ଚିପାରୁନାହିଁ। ଏହି ଅବସରରେ ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପ୍ରାକ୍ତନ ବରିଷ୍ଠ ପଦାଧିକାରୀ ଆଜାଦ ହିନ୍ଦ ପାଣିଗ୍ରାହୀ, ଗାନ୍ଧୀବାଦୀ ଗୌରାଙ୍ଗ ଚରଣ ପରିଡ଼ା, ସମାଜସେବୀ ଡାକ୍ତର ବଦ୍ରି ମିଶ୍ର ଓ ମାଆ ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ। ଯୁବମୋର୍ଚ୍ଚାର ପ୍ରକାଶିକା ତିଲୋତ୍ତମା ନାୟକ ଓ ସଂଯୋଜକ ସତ୍ୟବାଦୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସଙ୍ଗୀତ ନିର୍ଦ୍ଦେଶକ କାର୍ତ୍ତିକ ସାହୁଙ୍କ ସଙ୍ଗୀତ ନିର୍ଦ୍ଦେଶନା ସହ ନୃତ୍ୟଗୁରୁ ନାରାୟଣ ପାଣ୍ଡେଙ୍କ ତତ୍ତ୍ୱାବଧାନରେ ଓଡ଼ିଶୀ ନୃତ୍ୟ ଓ ଭଦ୍ରକ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ମେଳ ନୃତ୍ୟ ପରିବେଷିତ ହୋଇଥିଲା। ବିଶିଷ୍ଟ ଉଦଘୋଷକ ପ୍ରମୋଦ ପରିଡ଼ା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ବଢ଼ିଲା ପ୍ରିମିୟମ୍ ପେଟ୍ରୋଲ୍ ଦାମ୍

ନୂଆଦିଲ୍ଲୀ,(ଏଜେନ୍ସି): ମଧ୍ୟପ୍ରାଚ୍ୟ ଉତ୍ତେଜନା ମଧ୍ୟରେ ସରକାରୀ ତୈଳ କମ୍ପାନୀଗୁଡ଼ିକ ସ୍ପିଡ୍ ଏବଂ ପାୱାର ଭଳି ପ୍ରିମିୟମ୍ ପେଟ୍ରୋଲର ମୂଲ୍ୟ ପ୍ରତି ଲିଟର ପିଛା ୨.୦୯-ରୁ ୨.୩୫ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ନୂଆ ମୂଲ୍ୟ ଶୁକ୍ରବାର ଠାରୁ କାର୍ଯ୍ୟକାରୀ ହୋଇଛି। ଫଳରେ ଦେଶର ଅନେକ ସହରର ପେଟ୍ରୋଲ୍ ପମ୍ପ୍‌ଗୁଡ଼ିକରେ ଏବେ ପ୍ରିମିୟମ୍ ପେଟ୍ରୋଲ୍ ମୂଲ୍ୟରେ ବୃଦ୍ଧି ପରିଲକ୍ଷିତ ହୋଇଛି। ତେବେ ତୈଳ କମ୍ପାନୀଗୁଡ଼ିକ ଏହାରି ମଧ୍ୟରେ ସ୍ପଷ୍ଟ କରିଛନ୍ତି ଯେ, କେବଳ ପ୍ରିମିୟମ୍ ପେଟ୍ରୋଲ୍ ମୂଲ୍ୟରେ ସାମାନ୍ୟ ବୃଦ୍ଧି କରାଯାଇଛି କିନ୍ତୁ ନିୟମିତ ପେଟ୍ରୋଲର ମୂଲ୍ୟ ଅପରିବର୍ତ୍ତିତ ରହିଛି। ଦେଶର ତିନି ପ୍ରମୁଖ ତୈଳ କମ୍ପାନୀ ଯେପରିକି ଭାରତ ପେଟ୍ରୋଲିୟମ୍ (ବିପିସିଏଲ୍) ନିଜର ପ୍ରିମିୟମ୍ ପେଟ୍ରୋଲ୍‌କୁ 'ସ୍ପିଡ୍' ନାମରେ ବିକ୍ରି କରୁଥିବା ବେଳେ ହିନ୍ଦୁସ୍ତାନ ପେଟ୍ରୋଲିୟମ୍ (ଏଚ୍‌ପିସିଏଲ୍) ଏହାକୁ 'ପାୱାର' ନାମରେ ଏବଂ ଇଣ୍ଡିଆନ୍ ଅଏଲ୍ (ଆଇଓଏଲ୍) ଏହାକୁ 'ଏକ୍ସପି୯୫' ନାମରେ ବିକ୍ରୟ କରେ। ଏସବୁ ପ୍ରିମିୟମ୍ ପେଟ୍ରୋଲ୍ ମୂଲ୍ୟ ସାଧାରଣତଃ ନିୟମିତ ପେଟ୍ରୋଲ ତୁଳନାରେ ପ୍ରାୟ ୧୦-୧୨ ଅଧିକ ମହଙ୍ଗାରେ ବିକ୍ରି ହୋଇଥାଏ। ତେବେ ଆଜିର ଏହି ପ୍ରିମିୟମ୍ ପେଟ୍ରୋଲ ମୂଲ୍ୟରେ ବୃଦ୍ଧି ପରେ, ନୂଆଦିଲ୍ଲୀରେ ପ୍ରିମିୟମ୍ ପେଟ୍ରୋଲ୍ ମୂଲ୍ୟ ଲିଟର ପିଛା ୧୦୭ରୁ ୧୧୨.୩୦ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ସେହିପରି ଭୋପାଳରେ ପ୍ରିମିୟମ୍ ପେଟ୍ରୋଲ ମୂଲ୍ୟ ଲିଟର ପ୍ରତି ପ୍ରାୟ ୧୧୬.୭୭ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

# ସ୍କିମାଟିକ୍ କନିଷ୍ଠ ଶିକ୍ଷକ ନିୟମିତ

ଭୁବନେଶ୍ୱର,(ଜା.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଚୁକ୍ତିଭିତ୍ତିକ ଭାବେ କାମ କରୁଥିବା ସ୍କିମାଟିକ୍ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିଛନ୍ତି। ୨୦୨୩-୨୪ ବର୍ଷରେ ନିଯୁକ୍ତି ପାଇଥିବା ଏହି ବର୍ଗର କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରାଯାଇଛି। ଏହା ଦ୍ୱାରା ରାଜ୍ୟର ୧୩ ହଜାରରୁ ଅଧିକ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକମାନେ ଉପକୃତ ହୋଇଛନ୍ତି। ଏହି ଶିକ୍ଷକମାନେ ସେମାନଙ୍କର ଚାକିରିରେ ଯୋଗଦାନ ସମୟ ଠାରୁ ନିୟମିତ ହୋଇଛନ୍ତି। ତେବେ ସେମାନେ ଚାକିରିରେ ଯୋଗଦାନ ସମୟ ଠାରୁ ୨୦୨୫ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ନ୍ୟାସନାଲ ବେନିଫିଟ୍ ପାଇବେ। ୨୦୨୬ ଜାନୁଆରୀ ପହିଲା ଠାରୁ ନିୟମିତ କର୍ମଚାରୀଙ୍କ ଦରମା ତଥା ଅନ୍ୟାନ୍ୟ ସମସ୍ତ ସୁବିଧା ପାଇପାରିବେ। ସୂଚନାଯୋଗ୍ୟ ଯେ, ଏହି କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ। ଆଜି ଏହି ନିଷ୍ପତ୍ତି ଗ୍ରହଣ କରିବା ଦ୍ୱାରା ଶିକ୍ଷକ ମହଲରେ ଆନନ୍ଦର ଲହରୀ ଖେଳି ଯାଇଛି।

# ମହାନଦୀ ରିଭର ଫ୍ରଣ୍ଟ ପାଇଁ ୨୧୦ କୋଟି

ଭୁବନେଶ୍ୱର,(ଜା.ପ୍ର): ଜାତୀୟସ୍ତରର ଏକ ଆକର୍ଷଣୀୟ ପର୍ଯ୍ୟଟନ ପ୍ରକଳ୍ପ ଭାବେ ବିକଶିତ ହେବ କଟକ ମହାନଦୀ ରିଭର ଫ୍ରଣ୍ଟ। ୨୧୦ କୋଟି ଟଙ୍କା ବ୍ୟୟରେ ୪୨୬ ଏକର ପରିମିତ ଅଞ୍ଚଳରେ କଟକ ମହାନଦୀ ତଟ ସୌନ୍ଦର୍ଯ୍ୟକରଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ସମସ୍ତ ପ୍ରକ୍ରିୟା ଯଥାଶୀଘ୍ର ଶେଷ କରି ତୁରନ୍ତ କାର୍ଯ୍ୟାରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନ ଠାରେ କଟକ ରିଭର ଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ ଉପରେ ଉଚ୍ଚସ୍ତରୀୟ ବୈଠକ ହୋଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏଥିରେ ଅଧ୍ୟକ୍ଷତା କରି କହିଛନ୍ତି ଯେ, ୨୧୦ କୋଟି ଟଙ୍କା ବ୍ୟୟରେ କଟକ ମହାନଦୀ କୂଳର ୪୨୬ ଏକର ଅଞ୍ଚଳକୁ ଏହି ପ୍ରକଳ୍ପ ଜରିଆରେ ବିକଶିତ କରାଯିବ। ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲର ନିର୍ଦ୍ଦେଶ ଅନୁଯାୟୀ ୨୮୪ ଏକର ଅଞ୍ଚଳରେ ସବୁଜ ବଳୟ ସୃଷ୍ଟି କରାଯିବ ଏବଂ ଅବଶିଷ୍ଟ ୧୪୨ ଏକର ଅଞ୍ଚଳକୁ ପର୍ଯ୍ୟଟନ ଉପଯୋଗୀ କରାଯିବା ସହିତ ବିଭିନ୍ନ ଯାନିଯାତ୍ରା ପାଇଁ ମଧ୍ୟ ଉପଯୋଗୀ କରାଯିବ। ଏଥିରେ ଓଡ଼ିଶା ହାଟ, ହେରିଟେଜ ଭିଲେଜ, ପିକନିକ୍ ଏରିଆ, ଇଣ୍ଟରପ୍ରିଟେସନ ସେଣ୍ଟର, ଫୁଡ କୋର୍ଟ, ଲନ, ବଗିଚା, ମହାନଦୀ କୂଳ ସ୍ଥିତ ବିଭିନ୍ନ ୱାଟରବଡିର ସୌନ୍ଦର୍ଯ୍ୟକରଣ ଏବଂ ଅନ୍ୟାନ୍ୟ କାର୍ଯ୍ୟ ରହିଛି। ଏସବୁ ନିର୍ମାଣ କାର୍ଯ୍ୟରେ ଗ୍ରୀନ ଟ୍ରିବ୍ୟୁନାଲ ଗାଇଡଲାଇନ ପାଳନ କରାଯିବ। ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜିବ ମିଶ୍ର, ନିର୍ଦ୍ଦେଶକ ପୌର ପ୍ରଶାସନ ଅରିନ୍ଦମ ଡାକୁଆ, କଟକ ମହାନଗର ନିଗମ ଆୟୁକ୍ତ କିରଣଦୀପ୍ କୌର ସହୋତା ପ୍ରମୁଖ ଉପସ୍ଥିତ ଥିଲେ।

ଜାତୀୟ ଚେତନା
JATIYA CHETANA



# ଅପହୃତ ଉପହାର



ବିନା ମସୃଣ ଓ ବଢ଼ିଆ ପୋଷାକରେ ଦାଢ଼ି-ପୁତୁରା। ସମ୍ପର୍କ ସିନା ଲେଖାପୋଖାରେ, ମାତ୍ର ମେଳ ଲାଗେ ବଂଶଗତ- ବୟସ, ଚେହେରା ଓ ଚରିତ୍ରରେ। ସହଜେ କେହି ଓଲଟେଇ ପାରିବେନି ଯେ, ଏମାନେ ଅଜଣା। ଖାଣ୍ଟି ଗାଉଁଲି। ଗୋଟାଏ ଘଟଣାକ୍ରମରେ ଏମାନଙ୍କର ପରିଚୟ ହେଲା, ସେତେବେଳେ କଳାବିକାଶ ଅନୁଷ୍ଠାନ ତରଫରୁ ଅନେକ ପ୍ଲାଟ୍‌ଫର୍ମ ଆସୁଥିଲା କଳାକାରମାନଙ୍କ ଦ୍ୱାରା ମଞ୍ଚରେ ନାଟକ ପ୍ରତିଯୋଗିତା କରାଯାଉଥିଲା। ଗୋଟାଏ ଦଳରେ ଉଭୟେ ଦାଢ଼ି-ପୁତୁରା ଭାବରେ ନିପୁଣ ଅଭିନୟ କରି ପୁରସ୍କୃତ ହୋଇଥିଲେ। ସେବେଠାରୁ ଅସଲ ନାମ ପରିବର୍ତ୍ତେ ଦାଢ଼ି-ପୁତୁରା ଭାବେ ସେମାନେ ପରିଚିତ ହେଲେ।

ଗଲା ଦୁଇବର୍ଷ କରୋନା କାଳରେ କାହାର କାହା ସହ ଚେହେରା ଦେଖାହେବା ସମ୍ଭବ ହେଲାନି। ହଠାତ୍ ଦୁଇବର୍ଷ ପରେ ଗୋଟେ ବଡ଼ ସହରରେ ବଢ଼ିଆ ବୁଲୁବୁଲୁ ବନା ମଉସାଙ୍କୁ ଦେଖି ଡାକ ପକାଇଲା- 'ଦାଢ଼ି! ନମସ୍କାର! ଆଉ କ'ଣ ଖବର?' ବନା ମଉସା ଚମକି ପଡ଼ିଲେ। ପାଖକୁ ଯାଇ ଦେଖନ୍ତି ତ ବଢ଼ିଆ ପୁରା ସାହେବ ପାଲଟି ଯାଇଛି। ଦାଢ଼ି କହିଲେ- 'ନାହିଁରେ ପୁତୁରା, ଖବର କିଛି ଭଲ ନାହିଁ। ଏ କରୋନା ଏମିତି କଲା ଯେ ନାଟକ ମଞ୍ଚ ନୁହେଁ, ବରଂ ଆମ ଭଳି କଳାକାରଙ୍କ ପେଟ-ପକେଟ ସବୁ ଖାଲି କରିଦେଲା।'

ବଢ଼ିଆ ହସି କହିଲା, 'ମଉସା, ଚିନ୍ତା କରନି। ମୁଁ ଆଜି ତୁମକୁ ଗୋଟେ ବଡ଼ କାମ ଦେବି। ତୁମେ ଖାଲି ମୋ ବାପା ହେବାର ଅଭିନୟ କରିବ। ବଦଳରେ ହଜାରେ ଟଙ୍କା ପାଇବ।' ବନା ମଉସା ରାଜି ହୋଇଗଲେ। ବଢ଼ିଆ ତାଙ୍କୁ ସହରର ସବୁଠୁ ବଡ଼ ଗାଡ଼ି ଶୋ-ରୁମକୁ ନେଇଗଲା। ସେଠାରେ ବଢ଼ିଆର ଠାଣି ଦେଖି ମ୍ୟାନେଜର ମଧ୍ୟ ହଡ଼ବଡ଼େଇ ଗଲେ। ବଢ଼ିଆ କହିଲା, 'ମ୍ୟାନେଜର ବାବୁ, ଆଜି ମୋ ବାପାଙ୍କର ସିଲଭର ଜୁବୁଲି। ମୁଁ ତାଙ୍କୁ ଏହି 'ସଫାରୀ' ଗାଡ଼ିଟି ଉପହାର ଦେବି।'

ବନା ମଉସା ଅଭିନୟ କରି କହିଲେ, 'ଆରେ ପୁଅ! ଏତେ ଦାମୀ ଗାଡ଼ି କାହିଁକି? ମୋର ସେଇ ପୁରୁଣା ସାଇକେଲ୍ ଭଲ।' ବଢ଼ିଆ ରାଗିବାର ଅଭିନୟ କରି କହିଲା, 'ନାଇଁ ବାପା, ତୁମେ ଏତେ କଷ୍ଟ କରି ମୋତେ ବଡ଼ କରିଛ, ଆଜି ଖାଲି ଗାଡ଼ି ନୁହେଁ, ମା' ପାଇଁ ସୁନା ହାର ବି କିଣିବା।' ସେଠାରୁ ସେମାନେ ଏକ ବଡ଼ ଜୁଏଲାରୀ ଦୋକାନକୁ ଗଲେ। ସେଠାରେ ୫ ଲକ୍ଷ ଟଙ୍କାର ଏକ ହାର ପସନ୍ଦ କଲେ।

ବଢ଼ିଆ ମାଲିକଙ୍କୁ କହିଲା, 'ଆଜି ସନ୍ଧ୍ୟାରେ ଆମ ଘରେ ଭୋଜି ଅଛି। ଆପଣ ଗାଡ଼ି ଓ ହାର ନେଇ ଏହି ଠିକଣାକୁ ଆସନ୍ତୁ, ସେଇଠି ମୁଁ ଚେକ୍ କାଟିଦେବି।' ସେମାନେ ସେଠାରୁ ବାହାରି ଆସିଲେ। ବନା ମଉସାଙ୍କୁ ହଜାରେ ଟଙ୍କା ଦେଇ ବଢ଼ିଆ କହିଲା, 'ମଉସା, ତୁମେ ଏବେ ଯାଅ, କାମ ସରିଲା।'


ସନ୍ଧ୍ୟା ବେଳକୁ ଗାଡ଼ି ଶୋ-ରୁମ୍ ମାଲିକ ଓ ଜୁଏଲାରୀ ମାଲିକ ସେହି ଠିକଣାରେ ପହଞ୍ଚିଲେ। କିନ୍ତୁ ସେଠାରେ ଦେଖିଲେ ତାହା ଏକ ପରିତ୍ୟକ୍ତ ଗୋଦାମ ଘର। କେହି ସେଠାରେ ନାହାଁନ୍ତି। ସେମାନେ ବୁଝିପାରିଲେ ଯେ ସେମାନେ ଏକ ବଡ଼ ଠକେଇର ଶିକାର ହୋଇଛନ୍ତି। ବଢ଼ିଆ ପୂର୍ବରୁ ହିଁ ସେଠାରୁ ସବୁ ଜିନିଷ ନେଇ ଚମ୍ପଟ ମାରିସାରିଥିଲା।

ବନା ମଉସା ଘରକୁ ଯାଇ ଶୋଇବା ବେଳକୁ ତାଙ୍କ ମନ ଭାରି ହେଉଥିଲା। ସେ ଭାବୁଥିଲେ, ଏ କେମିତିକା ଅଭିନୟ? ଯେଉଁଠି ମୁଁ ଜଣକୁ ଠକିବାରେ ସାହାଯ୍ୟ କଲି? ପରଦିନ ସକାଳୁ ପୋଲିସ ବନା ମଉସାଙ୍କ ଘରେ ପହଞ୍ଚିଲା। ସେଠାରେ ଶୋ-ରୁମ୍ ମାଲିକ ତାଙ୍କୁ ଦେଖି ଚିହ୍ନି ପକାଇଲେ। ବନା ମଉସା କାନ୍ଦି କାନ୍ଦି ସବୁ ସତ କଥା କହିଦେଲେ। ସେ କହିଲେ, 'ମୁଁ କେବଳ ହଜାରେ ଟଙ୍କା ପାଇଁ ଏହି ଅଭିନୟ କରିଥିଲି, ମୁଁ ଜାଣି ନଥିଲି ବଢ଼ିଆ ଏତେ ବଡ଼ ଅପରାଧୀ।'

ପୋଲିସ ବଢ଼ିଆର ପିଛା କଲା ଏବଂ ଶେଷରେ ତାକୁ ଧରିଲା। ବଢ଼ିଆ ପାଖରୁ ସବୁ ଚୋରା ଜିନିଷ ମିଳିଲା। ଜେଲ ଭିତରେ ବଢ଼ିଆ କହିଲା, 'ମଉସା, ଜୀବନଟା ଏମିତି ଏକ ନାଟକ, ଯେଉଁଠି ସବୁ ଅଭିନେତା ଶେଷରେ ଧରାପଡ଼ନ୍ତି।' ବନା ମଉସା ବୁଝିଗଲେ ଯେ, ପେଟ ପାଇଁ ଅଭିନୟ କରିବା ଠିକ୍ କିନ୍ତୁ କାହାକୁ କଷ୍ଟ ଦେଇ ଅଭିନୟ କରିବା ପାପ। ସେହିଦିନଠାରୁ ସେ ଶପଥ ନେଲେ ଯେ, ସେ ଆଉ କେବେ ବି ମିଛ ସାହାରା ନେବେ ନାହିଁ। କଳା ହେଉଛି ପବିତ୍ର, ତାକୁ ଅପବିତ୍ର କରିବା ଉଚିତ ନୁହେଁ।

**ସୁନୀଲ କୁମାର ମହାନ୍ତି**
ମେଣ୍ଢାଶାଳ, ଜଗତସିଂହପୁର

# ସେହି ଅଧୁରା ଚିଠି



ଏକ ଅନ୍ଧାର ରାତି। ବାହାରେ ଝିପିଝିପି ବର୍ଷା ହେଉଥିଲା। ବିଶାଳ ନିଜ ଘରର ବାରଣ୍ଡାରେ ବସି, ତା' ହାତରେ ଏକ କୁଞ୍ଚିତ ହୋଇଯାଇଥିବା ଚିଠି ଧରିଥିଲା। ଏହି ଚିଠି ସେ କିଛି ଦିନ ପୂର୍ବରୁ ଅନନ୍ୟାକୁ ଲେଖିଥିଲା, କିନ୍ତୁ କେବେବି ତାକୁ ଦେଇପାରିଲାନି।

ତା' ମନରେ ଗୋଟିଏ ପ୍ରଶ୍ନ ବାରମ୍ବାର ଉଠୁଥିଲା – 'ଆମ ସମ୍ପର୍କ ଏତେ ଶୀଘ୍ର କେମିତି ଭାଙ୍ଗିଗଲା?' ସେ ଦୁହେଁ କେତେ ସ୍ୱପ୍ନ ଦେଖିଥିଲେ, କେତେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସମୟ ସବୁ କିଛି ବଦଳାଇ ଦେଲା।

ତା'ର ମନେ ଅଛି, ସେହି ଦିନ କେମିତି ସେ ଅନନ୍ୟାକୁ ଏହି ଚିଠିଟି ଦେବାକୁ ଚାହୁଁଥିଲା। ସେଥିରେ ଲେଖାଥିଲା, 'ମୁଁ ତୁମକୁ ବହୁତ ଭଲପାଏ... ତୁମ ବିନା ମୋ ଜୀବନ ଅଧୁରା।' କିନ୍ତୁ ସେହି ମୁହୂର୍ତ୍ତରେ ଅନନ୍ୟା ଆସିଲା ଏବଂ କହିଲା, 'ମୁଁ ଆଉ ତୁମ ସହିତ ରହିପାରିବିନି, ବିଶାଳ।' ସେହି ଶବ୍ଦଗୁଡ଼ିକ ତା' ହୃଦୟକୁ ଶକ୍ତ ଭାବେ ଆଘାତ ଦେଲା।

ଏବେ ସେ କେବଳ ତା'ର ସ୍ମୃତିକୁ ନେଇ ବଞ୍ଚୁଛି। ସେହି ଚିଠି କେବେ ବି ପଢ଼ା ହୋଇନାହିଁ, କିନ୍ତୁ ତା'ର ପ୍ରତିଟି ଶବ୍ଦ ବିଶାଳର ହୃଦୟରେ ସତେଜ ହୋଇ ରହିଛି। ସେ ବର୍ଷାକୁ ଦେଖିଲା ଏବଂ ନିଜକୁ କହିଲା, 'କାଶ୍, ମୁଁ ତୁମକୁ ଏହି ଚିଠିଟି ଦେଇପାରିଥା'ନ୍ତି... କାଶ୍, ଆମେ ଆଜି ଏକାଠି ଥାଆନ୍ତେ।'

ତା'ର ଆଖିରେ ଲୁହ ଜମିଗଲା। କିନ୍ତୁ ସେ ଜାଣିଥିଲା, ସେହି ସମୟ ଆଉ କେବେବି ଫେରିବନାହିଁ।

ବିଶାଳ କମ୍ପିତ ହାତରେ ଚିଠିଟିକୁ ଆସ୍ତେ ଆସ୍ତେ ଚିରିବାକୁ ଚେଷ୍ଟା କଲା, କିନ୍ତୁ ପାରିଲାନି। ସେହି କାଗଜର ପ୍ରତିଟି ଭାଙ୍ଗରେ ଯେମିତି ଅନନ୍ୟାର ହସ ଆଉ ସେହି ପୁରୁଣା ସ୍ମୃତି ଗୁଡ଼େଇ ହୋଇ ରହିଥିଲା। ସେ ଭାବୁଥିଲା, କେମିତି ଜଣେ ମଣିଷ ନିମିଷକ ମଧ୍ୟରେ ଏତେ ଅଚିହ୍ନା ହୋଇଯାଏ? ବାହାରେ ବର୍ଷାର ବେଗ ବଢ଼ିବା ସହ ତା' ଭିତରର ଶୂନ୍ୟତା ମଧ୍ୟ ବଢ଼ିବାରେ ଲାଗିଥିଲା। ହଠାତ୍ ତା' ଫୋନ୍‌ରେ ଗୋଟିଏ ପୁରୁଣା ଫଟୋର ନୋଟିଫିକେସନ୍ ଆସିଲା, ଯେଉଁଥିରେ ସେମାନେ ଦୁହେଁ ସମୁଦ୍ର କୂଳରେ ହାତକୁ ହାତ ଛନ୍ଦି ଚାଲୁଥିଲେ।

ବିଶାଳ ହସିଲା, କିନ୍ତୁ ସେହି ହସରେ କେବଳ ଯନ୍ତ୍ରଣା ଥିଲା। ସେ ବୁଝିପାରିଲା ଯେ ପ୍ରେମରେ କେବଳ ପାଇବାଟା ସବୁକିଛି ନୁହେଁ, କେବେ କେବେ ହରାଇବା ମଧ୍ୟ ଏକ ଗଭୀର ଅନୁଭୂତି ଦେଇଯାଏ। ସେ ଚିଠିଟିକୁ ପୁଣି ଥରେ ଭାଙ୍ଗ କରି ତା' ଡାଏରୀ ଭିତରେ ରଖିଦେଲା। ଜାଣିଥିଲା ସେହି ଚିଠିର ଠିକଣା ଏବେ ବଦଳି ଯାଇଛି, କିନ୍ତୁ ତା'ର ଭଲପାଇବା ସେମିତି ସେହି ଧାଡ଼ିଗୁଡ଼ିକରେ ଅଟକି ରହିବ। ଶେଷରେ ସେ ବର୍ଷା ଭିଜା ଆକାଶକୁ ଚାହିଁ ଧୀରେ କହିଲା, 'ତୁମେ ଯେଉଁଠି ଥାଅ, ଖୁସିରେ ଥାଅ।' ସେହି ଦିନଠାରୁ ବିଶାଳ ଆଉ କାହା ପାଇଁ ଚିଠି ଲେଖିନି, କାରଣ ତା' ହୃଦୟର ସବୁ ଶବ୍ଦ ଅନନ୍ୟା ନେଇ ଚାଲିଯାଇଥିଲା।

**ଜ୍ୟୋତିପ୍ରିୟା ପ୍ରଧାନ**
ଖଣନ୍ତ, ବାଲୁଗାଁ, ଖୋର୍ଦ୍ଧା

# ଯୁଗ ଆମ ବଦଳୁଛି



ବାପ ଯେ ଯାଇଛି ଗାଈ ଚରାଇ
ଚୁଲି ଫୁଙ୍କି ବୋଉ ମରୁଛି
ପୁଅ କହୁଛି ମୁଁ ପବଜି ଗେମ୍‌ର
ହାଇ ର୍ୟାଙ୍କ ପୁସ୍ କରୁଛି
ଯୁଗ ଆମ ବଦଳୁଛି।
ବାପ ଚଲାଏ ଭଙ୍ଗା ସାଇକେଲ
ପୁଅ ଯେ ବୁଲେଟ୍ ଚଢ଼ୁଛି
ବାପ ସିନା ସ୍ୱାଭିମାନରେ ବଞ୍ଚୁଛି
ପୁଅ କିନ୍ତୁ କିସ୍ତି ଦେଇ ମରୁଛି
ଯୁଗ ଆମ ବଦଳୁଛି।
ବାପ ଯେ ଖଟୁଛି ବ୍ୟାଙ୍କରେ ଟଙ୍କା
ଖଟି ଖଟି ଦିନ ଯାଉଛି
କହୁଛି ଆଉ ଖଟି ପାରିବିନି
ବୟସ ପଚାଶ ଡେଉଁଛି।
ସେଇ ଟଙ୍କା ସବୁ ପୁଅ ଯେ ଚୋରାଇ
ପ୍ରେମିକାକୁ ଗିଫ୍ଟ ଦେଉଛି
ଯୁଗ ଆମ ବଦଳୁଛି।
ମାଆ ହାତ ଛିଡ଼େ ବାସନ ମଜାରେ
ଝିଅ ଆମ ଟିକ୍‌ଟକ୍ କରୁଛି
ମା' ପାଇଁ ନାହିଁ ପାଉଡର ଟିକେ
ଝିଅ ଆମ ଫେସ୍‌କ୍ରିମ୍ ମାଖୁଛି
ଯୁଗ ଆମ ବଦଳୁଛି।
ବୋଉ ଯେ ଫଟାଲୁଗା ସବୁ ସିଲେଇ
ମାରୁଛି
ଦି' ପଇସା ପାଇବ ବୋଲି
ଝିଅ ଯେ ମଗାଏ ଚିରାଫଟା ସବୁ
ଟ୍ରେନ୍‌ଡିଙ୍ଗ୍ ଚାଲିବ ବୋଲି
ଏହା ଦେଖି ମୁଁ ମଧ ଭାବି ମରୁଛି
ଯୁଗ ଆମ ବଦଳୁଛି।
ନିଜ ଘରେ ତ ମାଆଝିଅ ଯୋଡ଼ି
ଭାରି ତ ସରସ ସୁନ୍ଦର ଦିଶୁଛି
ସେଇ ସମ୍ପର୍କଟି ଶାଶୂଘରେ କିଆଁ
ଭାଙ୍ଗି ଛିଡ଼ିଛିଡ଼ି ଯାଉଛି
ଯୁଗ ଆମ ବଦଳୁଛି
ଶାଶୂ କି ନଣନ୍ଦ ଝିଅ କିମ୍ବା ମାଆ
ସଭିଙ୍କ ଦୋଷ ରହୁଛି
ଲେଖୁଛି ବୋଲି ରାଗିବନି ମୋତେ
ସବୁଠି ଏମିତି ହେଉଛି
ଯୁଗ ଆମ ବଦଳୁଛି।
ସ୍ୱାର୍ଥପର ଏହି ଦୁନିଆ ଭିତରେ
ସବୁଠି ଏମିତି ଘଟୁଛି
ପେଟର ଭୋକକୁ ବୁଝିବା ଲୋକଟି
ମଣିଷପଣିଆରେ ଗଣା ହେଉଛି
ଯୁଗ ଆମ ବଦଳୁଛି।

**ତେଜସ୍ୱିନୀ ଦେହୁରୀ**
ମାର୍ଫତ୍: ସନାତନ ଦେହୁରୀ
ଦଣ୍ଡାସିଂହା, ବାରକୋଟ, ଦେବଗଡ଼
ମୋ: ୭୨୦୫୭୦୪୬୫୦

# ଦୀପଶିଖା

କାହାର ଝିଅ, କାହାର ଭଉଣୀ, କାହାର
ସ୍ତ୍ରୀ, କାହାର ବୋହୂ ଏହିଭଳି ନାମ
ଧାରଣ କରିଥିବା ଦୀପ ଶିଖା
ସେଇ ଦୀପ ଶିଖା ନିଜେ ଅନ୍ଧାରରେ
ରହି
ନିଜ ପରିବାର ଖୁସି ପାଇଁ ଅନ୍ୟ
ପରିବାରକୁ ଆଲୋକ ଦେବା ପାଇଁ
ଆସିଥାଏ ସେଇ ପରିବାରକୁ ନିଜର
କରି ଆପଣେଇବ।
ଅନ୍ୟମାନଙ୍କ ମନ ନେଇ ଚାଲିବ।
ସମସ୍ତଙ୍କ ପାଇଁ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ
କରି ପରଷିବା ତାର କାମ
କେବେ ହେଲେ କେହି ତା' ମନ କଥା
ବୁଝିଲେନି
ତା' ଜୀବନର ଅନ୍ଧକାରକୁ କେହି
ଦୂରୀଭୂତ କଲେନି
ଯାହାକୁ ସେ ନିଜର କରି ହାତ ଧରିଥିଲା
ସାତ ଜନ୍ମ ପାଇଁ ସେ ବି ତାର ହେଲାନି।
ଦିନରେ ଶାଶୂନଣନ୍ଦଙ୍କ ଅକଥନୀୟ
ନିର୍ଯାତନା
ରାତିରେ ସ୍ୱାମୀର ମାରପିଟ୍
ଯାବତୀୟ ନିର୍ଯାତନାର ଶିକାର ହୁଏ
ଦୀପ ତଳର ଅନ୍ଧାର କେତେ କେହି
ଜାଣନ୍ତିନାହିଁ।
ଯିଏ ତାକୁ ପଚାରେ କୋହଭରା ଓଠରେ
ହସି ଦେଇ ଚାଲିଯାଇ
କବାଟ କୋଣରେ ବସି ଲୁହ ଝରାଏ
ସେପଟେ ଶାଶୂର ଡାକ ଆସେ
ଟିକେ ବିଳମ୍ବ ହେଇଗଲେ ଆରମ୍ଭ ହୁଏ
ନାନା କଥା
ତା' ସହ ଟଣାଓଟରା
କାହାକୁ ବା ସେ କହିବ
କିଏ ବା ତା' କଥା ବୁଝିବ
ତାରି ଭିତରେ ସେ ବଳିପଡ଼େ
କେବଳ ସେ ନୁହଁ
ତା' ଇଚ୍ଛା, ଆକାଂକ୍ଷା, ସ୍ୱପ୍ନ
ସବୁକୁ ଜଳାଞ୍ଜଳି ଦେଇ
ନିଜେ ଶିଖା ପାଲଟିଯାଏ।



**ପୂଜାରାଣୀ ଦାସ**
ବାଲିପାଟଣା, ଭୁବନେଶ୍ୱର
ମୋ: ୯୬୫୮୦୬୮୮୯୩

ଜାତୀୟ ଚେତନା
JATIYA CHETANA



# ପିଏସ୍ଏଲ୍‌କୁ ଦାସୁନ୍ ଶନାକାଙ୍କୁ ବାୟ ବାୟ

ନୂଆଦିଲ୍ଲୀ,(ଏଜେନ୍ସି): ଶ୍ରୀଲଙ୍କା ଟି-୨୦ କ୍ୟାପ୍ଟେନ୍ ଦାସୁନ୍ ଶନାକା ପାକିସ୍ତାନ ସୁପର୍ ଲିଗ୍ (ପିଏସ୍ଏଲ୍) ୨୦୨୬ରୁ ନିଜ ନାମ ପ୍ରତ୍ୟାହାର କରିନେଇ ଏବେ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ର ୧୯ତମ ସିଜନ୍‌ରେ ଖେଳିବାକୁ ଯାଉଛନ୍ତି। ରିପୋର୍ଟ ଅନୁସାରେ ଶନାକା ଆଇପିଏଲ୍ ଟିମ୍ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳିବେ। ରାଜସ୍ଥାନ ରୟାଲ୍ସ ତାଙ୍କୁ ଆହତ ସାମ୍ କରନ୍‌ଙ୍କ ସ୍ଥାନରେ ଇଞ୍ଜୁରୀ ରିପ୍ଲେସ୍‌ମେଣ୍ଟ ଭାବେ ନିଜ ସହ ସାମିଲ କରିଛି। ଗ୍ରୋଇନ୍ ଇଞ୍ଜୁରୀ କାରଣରୁ ସାମ୍ କରନ୍ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଶନାକା ଏହା ପୂର୍ବରୁ ଆଇପିଏଲ୍ ୨୦୨୩ରେ ଗୁଜରାଟ ଟାଇଟନ୍ସ ପକ୍ଷରୁ ଖେଳିଥିଲେ। ସେହି ସିଜନ୍‌ରେ ସେ ୩ ମ୍ୟାଚ୍‌ରେ ୨୬ ରନ୍ କରିଥିଲେ। ତେବେ ଆଇପିଏଲ୍ ୨୦୨୬ ପାଇଁ ଆୟୋଜିତ ମିନି ଖେଳାଳି ଅକ୍ସନ୍‌ରେ ସେ ଅନ୍‌ସୋଲ୍ଡ ରହିଥିଲେ। ଶନାକାଙ୍କ ବେସ୍ ପ୍ରାଇସ୍ ୭୫ ଲକ୍ଷ ଟଙ୍କା ଥିଲା।

ଏହା ମଧ୍ୟରେ ପିଏସ୍ଏଲ୍‌ର ୧୧ଶ ସିଜନ୍‌ରୁ ଖେଳାଳିଙ୍କ ହଟିବା କ୍ରମ ଜାରି ରହିଛି। ଏହା ପୂର୍ବରୁ ଜିମ୍ବାୱେର ବ୍ଲେସିଂ ମୁଜରବାନୀ ଏବଂ ୱେଷ୍ଟଇଣ୍ଡିଜ୍‌ର ଗୁଡ଼ାକେଶ ମୋତୀ ଟୁର୍ଣ୍ଣାମେଣ୍ଟ ଛାଡ଼ିଛନ୍ତି। ମୁଜରବାନୀ ପରେ କୋଲ୍‌କାତା ନାଇଟ୍‌ରାଇଡର୍ସ (କେକେଆର୍)ରେ ମୁସ୍ତାଫିଜୁର୍ ରହମାନ୍‌ଙ୍କ ବଦଳ ଖେଳାଳି ଭାବେ ସାମିଲ ହୋଇଛନ୍ତି। ତେବେ ମୋତୀଙ୍କ ହଟିବା କାରଣ ଜଣାପଡ଼ି ନାହିଁ। ପିଏସ୍ଏଲ୍‌ରୁ ହଟିବା ପରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିଲା, ଯାହା ଫଳରେ ଏହି ମାମଲା ଚର୍ଚ୍ଚିତ ହୋଇପଡ଼ିଛି। ବିଦେଶୀ ଖେଳାଳିମାନେ ପିଏସ୍ଏଲ୍ ତୁଳନାରେ ଆଇପିଏଲ୍‌କୁ ପ୍ରାଥମିକା ଦେଉଥିବା ଟ୍ରେଣ୍ଡ ବିଗତ ବର୍ଷରେ ଦ୍ରୁତ ଭାବେ ବୃଦ୍ଧି ପାଇଛି। ଏହାର ମୁଖ୍ୟ କାରଣ ଅଧିକ ସାଲାରୀ ଏବଂ ବୈଶ୍ୱିକ ଏକ୍‌ପୋଜର୍ ବୋଲି କୁହାଯାଉଛି। ଗତ ସିଜନ୍‌ରେ ସାଉଥ୍ ଆଫ୍ରିକା ଅଲ୍‌ରାଉଣ୍ଡର୍ କବିନ୍ ବଶ୍ ମଧ୍ୟ ପିଏସ୍ଏଲ୍ ଛାଡ଼ି ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଟିମ୍‌ରେ ସାମିଲ ହୋଇଥିଲେ। ତେବେ ଦାସୁନ୍ ଶନାକାଙ୍କ ଏହି ନିଷ୍ପତ୍ତି ପିଏସ୍ଏଲ୍ ପାଇଁ ଆଉ ଏକ ବଡ଼ ଧକ୍କା ବୋଲି କୁହାଯାଉଛି।

# ସର୍ବଭାରତୀୟ ସିଭିଲ ସର୍ଭିସ ଭଲିବଲ୍: ଓଡ଼ିଶାର ବିଜୟ ଅଭିଯାନ ଆରମ୍ଭ

## ଉତ୍ତରାଖଣ୍ଡକୁ ୨-୦ ସେଟ୍‌ରେ ପରାସ୍ତ କଲା ଓଡ଼ିଶା ଦଳ




ଭୁବନେଶ୍ୱର,(ଜା.ପ୍ର): ଦିଲ୍ଲୀର ପିତାମ୍ପୁରାଠାରେ ଚାଲିଥିବା ସର୍ବଭାରତୀୟ ସିଭିଲ୍ ସର୍ଭିସ୍ ଭଲିବଲ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଦଳ ଶୁଭାରମ୍ଭ କରିଛି। ନିଜର ପ୍ରଥମ ମ୍ୟାଚରେ ଓଡ଼ିଶା ଦଳ ଉତ୍ତରାଖଣ୍ଡକୁ ୨-୦ ସେଟରେ ପରାସ୍ତ କରି ବିଜୟ ଯାତ୍ରା ଆରମ୍ଭ କରିଛି। କୋଚ୍ ପ୍ରକାଶ ଚନ୍ଦ୍ର ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦଳ ଏହି ପ୍ରଭାବଶାଳୀ ବିଜୟ ହାସଲ କରିଥିବା ବେଳେ ଆସନ୍ତାକାଲି ଓଡ଼ିଶା ଦଳ ମହାରାଷ୍ଟ୍ରକୁ ଭେଟିବ।

କେନ୍ଦ୍ରୀୟ ସିଭିଲ୍ ସର୍ଭିସ୍ ସାଂସ୍କୃତିକ ଓ କ୍ରୀଡ଼ା ବୋର୍ଡ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତା ଚଳିତ ମାସ ୨୦ ତାରିଖରୁ ଆରମ୍ଭ ହୋଇ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଦେଶର ସମସ୍ତ ରାଜ୍ୟର ସିଭିଲ୍ ସର୍ଭିସ୍ ଟିମ୍ ଭାଗ ନେଉଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତିନିଧିତ୍ୱ କରିବା ପାଇଁ ଓଡ଼ିଶା ସିଭିଲ୍ ସର୍ଭିସ୍ ଭଲିବଲ୍ ଟିମ୍‌ର ପ୍ରଶିକ୍ଷକ ଓ ମ୍ୟାନେଜରଙ୍କୁ ମିଶାଇ ମୋଟ ୧୬ ଜଣିଆ ସଦସ୍ୟ ଦିଲ୍ଲୀ ଯାତ୍ରା କରିଛନ୍ତି। ଓଡ଼ିଶା ଦଳରେ ଚନ୍ଦନ କୁମାର ମଣ୍ଡଳ, ନାରାୟଣ ଦାସ, ଜଳେନ୍ଦ୍ର କୁମାର ପ୍ରିବକା, ଅକ୍ଷୟ କୁମାର ମିଶ୍ର, ଆଶୁତୋଷ ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ବେହେରା, ଆଶିଷ ବେହେରା, ଶ୍ରୀଜଗନ୍ନାଥ ପ୍ରସାଦ ବଳ, ପାର୍ଥସାରଥି ଜେନା, ରଶ୍ମିରଞ୍ଜନ ଦାସ, ଅବିନାଶ ଜେନା, ବିଚିତ୍ର ପ୍ରଧାନ ଏବଂ ରାଜେଶ ସେନାପତି ପ୍ରମୁଖ ଖେଳାଳି ଭାବେ ସାମିଲ ଅଛନ୍ତି। ଦଳ ସହ ପ୍ରଶିକ୍ଷକ ଭାବେ ପ୍ରକାଶ ଚନ୍ଦ୍ର ରଥ ଏବଂ ମ୍ୟାନେଜର ଭାବେ ପୂର୍ଣ୍ଣଚନ୍ଦ୍ର ଷଡ଼ଙ୍ଗୀ ରହି ଖେଳାଳିମାନଙ୍କୁ ଉତ୍ସାହିତ କରୁଛନ୍ତି। ପ୍ରଥମ ମ୍ୟାଚରେ ଦଳର ଏହି ସଫଳତା ପରେ ଓଡ଼ିଶା ଶିବିରରେ ଉତ୍ସାହ ଦେଖାଦେଇଛି।

# ବିନା ଦର୍ଶକରେ ହେବ ପିଏସ୍ଏଲ୍

ଲାହୋର,(ଏଜେନ୍ସି): ଏକ ବଡ଼ ନିଷ୍ପତ୍ତିକ୍ରମେ ଚଳିତ ବର୍ଷର ପାକିସ୍ତାନ ସୁପର୍ ଲିଗ୍ (ପିଏସ୍ଏଲ୍) ବିନା ଦର୍ଶକରେ ଖେଳାଯିବ ବୋଲି ରବିବାର ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଘୋଷଣା କରିଛି। ପଶ୍ଚିମ ଏସିଆ ଉତ୍ତେଜନା ଏବଂ ପାକିସ୍ତାନ ଉପରେ ଆଫଗାନିସ୍ତାନର ଜୋରଦାର ଆକ୍ରମଣ କାରଣରୁ ସୁରକ୍ଷା ଚିନ୍ତାକୁ ଦୃଷ୍ଟିରେ ରଖି ପିସିବି ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ପିଏସ୍ଏଲ୍ ୨୦୨୬ ମାର୍ଚ୍ଚ ୨୬ ତାରିଖରେ ଆରମ୍ଭ ହେବ। କିନ୍ତୁ ଚଳିତ ଥର ଟୁର୍ଣ୍ଣାମେଣ୍ଟ କେବଳ ଦୁଇଟି ସହର କରାଚି ଓ ଲାହୋରରେ ଖେଳାଯିବ। ପୂର୍ବରୁ ଏହା ୬ ସହରରେ ଆୟୋଜିତ କରିବାକୁ ଯୋଜନା ଥିଲା। ପିସିବି ଅଧ୍ୟକ୍ଷ ମୋହସିନ୍ ନକ୍‌ଭୀ ଏକ ପ୍ରେସ୍ କନ୍‌ଫରେନ୍ସରେ କହିଛନ୍ତି, ଯେଉଁ ପର୍ଯ୍ୟନ୍ତ ପରିସ୍ଥିତି ସାମାନ୍ୟ ହୋଇନାହିଁ, ସେ ପର୍ଯ୍ୟନ୍ତ ଷ୍ଟାଡିୟମ୍‌ରେ ଦର୍ଶକଙ୍କ ପ୍ରବେଶ ବନ୍ଦ ରହିବ। ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ପିଏସ୍ଏଲ୍ ୨୦୨୬ର ଉଦ୍‌ଘାଟନୀ ସମାରୋହ ମଧ୍ୟ ହେବ ନାହିଁ। ନକ୍‌ଭୀ କହିଛନ୍ତି, ପିଏସ୍ଏଲ୍ ଆମର ଅନ୍ତର୍ଜାତୀୟ ବ୍ରାଣ୍ଡ ଏବଂ ଏଥିରେ ବହୁ ବିଦେଶୀ ଖେଳାଳି ସାମିଲ ଅଛନ୍ତି। ଆମେ ଟୁର୍ଣ୍ଣାମେଣ୍ଟକୁ ରଦ୍ଦ କରିପାରିବୁ ନାହିଁ। କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ୨୫-୩୦ ହଜାର ଲୋକଙ୍କୁ ଷ୍ଟାଡିୟମ୍‌କୁ ଆଣିବା ସମ୍ଭବ ନୁହେଁ। ଏହି ନିଷ୍ପତ୍ତି ପୂର୍ବରୁ ପାକିସ୍ତାନ ସରକାର, ପ୍ରଧାନମନ୍ତ୍ରୀ ଶାହବାଦ ଶରିଫ୍ ଏବଂ ସୁରକ୍ଷା ଏଜେନ୍ସିଙ୍କ ସହିତ କେତେ ରାଉଣ୍ଡର ବୈଠକ କରାଯାଇଛି ବୋଲି ସେ କହିଛନ୍ତି। ଦେଶର ପ୍ରାଥମିକତାକୁ ଧ୍ୟାନରେ ରଖି ଏହି ନିର୍ଣ୍ଣୟ ନିଆଯାଇଛି ବୋଲି ନକ୍‌ଭୀ କହିଛନ୍ତି। ପିସିବି ଏହା ମଧ୍ୟ ଘୋଷଣା କରିଛି ଯେ ସମସ୍ତ ଫ୍ରାଞ୍ଚାଇଜିଙ୍କୁ ଗେଟ୍ ମନି କ୍ଷତିପୂରଣ ପ୍ରଦାନ କରାଯିବ। ଏହା ସହିତ ଟିକେଟ୍ କିଣିଥିବା ଦର୍ଶକଙ୍କୁ ଆଗାମୀ ୭୨ ଘଣ୍ଟା ମଧ୍ୟରେ ଅର୍ଥ ଫେରସ୍ତ କରାଯିବ। ସେ ଏହା ମଧ୍ୟ କହିଛନ୍ତି, ଦେଶରେ ଇନ୍ଧନ ସଂକଟ ମଧ୍ୟରେ ଲୋକଙ୍କ ଯାତାୟାତ ସୀମିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲ ବନ୍ଦ କରିଦିଆଯାଇଛି, ୱାର୍କ ଫ୍ରମ୍ ହୋମ୍ ଲାଗୁ ହୋଇଛି ଏବଂ ଇଦ୍ ଛୁଟି ବୃଦ୍ଧି କରାଯାଇଛି।

# ୪ର୍ଥ ଟି-୨୦: ଏଷ୍ଟର୍‌ହୁଇଜନ୍‌ଙ୍କ ଅର୍ଦ୍ଧଶତକ, କୁଟ୍‌ଜିଙ୍କୁ ୩ ୱିକେଟ୍

ୱେଲିଂଟନ୍,(ଏଜେନ୍ସି): ୱେଲିଂଟନ୍‌ରେ ଖେଳାଯାଇଥିବା ଚତୁର୍ଥ ଟି-୨୦ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୧୯ ରନ୍‌ରେ ହରାଇ ସାଉଥ୍ ଆଫ୍ରିକା ସିରିଜ୍ ୨-୨ରେ ବରାବର କରିଛି। ପଞ୍ଚମ ତଥା ନିର୍ଣ୍ଣାୟକ ମ୍ୟାଚ୍ ୨୫ ତାରିଖରେ ହେଗ୍‌ଲେ ଓଭାଲ୍‌ରେ ଖେଳାଯିବ। ରବିବାର ପ୍ରଥମେ ସାଉଥ୍ ଆଫ୍ରିକା ୨୦ ଓଭର୍‌ରେ ୫ ୱିକେଟ୍ ହରାଇ ୧୬୪ ରନ୍ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ଟିମ୍ ୧୮.୫ ଓଭର୍‌ରେ ୧୪୫ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସାଉଥ୍ ଆଫ୍ରିକା ପକ୍ଷରୁ କରନ୍ ଏଷ୍ଟରହୁଇଜନ୍ ୩୬ ବଲ୍‌ରେ ୫୭ ରନ୍‌ର ଇନିଂସ୍ ଖେଳିଥିବା ବେଳେ ରୁବିନ୍ ହରମନ୍ ଅପରାଜିତ ୨୮ ରନ୍ କରିଥିଲେ। ଶେଷ ଆଡ଼କୁ ଜର୍ଜ ଲିଣ୍ଡେ ଦ୍ରୁତ ୧୪ ରନ୍ କରି ଟିମ୍‌ର ସ୍କୋର୍ ୧୬୦ ପାର୍ ପହଞ୍ଚାଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ କାଇଲ୍ ଜେମିସନ୍ ପ୍ରଥମେ ମେଡେନ୍ ଓଭର୍ ପକାଇ ଚାପ ସୃଷ୍ଟି କରିଥିଲେ। ପରେ ବେଦ୍ ସିୟର୍ସ ମଧ୍ୟ ଟାଇଟ୍ ବୋଲି କରିବା ସହିତ ଅନ୍ତିମ ଓଭର୍‌ରେ ମାତ୍ର ୨ ରନ୍ ଦେଇଥିଲେ।

ଲକ୍ଷ୍ୟର ପିଛା କରୁଥିବା ନ୍ୟୁଜିଲାଣ୍ଡ ପକ୍ଷରୁ ଟିମ୍ ରବିନ୍‌ସନ୍ ଓ ଡେବ୍ୟୁଟାଣ୍ଟ କାଟେନ୍ କ୍ଲାର୍କ ଦ୍ରୁତ ଆରମ୍ଭ କରିଥିଲେ। ପାୱାର୍‌ପ୍ଲେରେ ଟିମ୍ ୬୩/୨ ସ୍କୋର୍ କରିନେଇଥିଲା। ରବିନ୍‌ସନ୍ ୩୨ ରନ୍ କରିଥିବା ବେଳେ କ୍ଲାର୍କ ୯ ରନ୍ କରି ଫେରିଥିଲେ। ତେବେ ମଧ୍ୟ ଭାଗରେ ସାଉଥ୍ ଆଫ୍ରିକା ଲଗାତାର ତିନିଟି ୱିକେଟ୍ ନେଇ ନ୍ୟୁଜିଲାଣ୍ଡକୁ ୯୬/୫ରେ ରୋକି ଦେଇଥିଲା। ଡାନେ କ୍ଲେଭର୍ ବେଭନ୍ ଜାକବ୍ସଙ୍କୁ ପ୍ରେନେଲନ୍ ସୁବ୍ରାୟନ୍ ଆଉଟ୍ କରିଥିବା ବେଳେ ଓଟୋନିଲ୍ ବାର୍ଟମ୍ୟାନ୍‌ଙ୍କ ଗୁରୁତ୍ୱପୂର୍ଣ୍ଣ ୱିକେଟ୍‌ଟି କେଶବ ମହାରାଜଙ୍କୁ ମିଳିଥିଲା। ଅନ୍ତିମ ଓଭର୍‌ରେ ନ୍ୟୁଜିଲାଣ୍ଡ ଉଦ୍ୟମ ଜାରି ରଖିଥିଲେ ମଧ୍ୟ ଲକ୍ଷ୍ୟରେ ପହଞ୍ଚିପାରି ନଥିଲା। ଜେରାଲ୍ଡ କୁଟ୍‌ଜି ୩ ୱିକେଟ୍ ନେଇ ବିଜୟ ସୁନିଶ୍ଚିତ କରିବା ସହିତ ୧୯ତମ ଓଭର୍‌ରେ ୱିକେଟ୍ ମ୍ୟାଚ୍ ଶେଷ କରିଥିଲେ।

# ଲଣ୍ଡନ ପାଇଁ ଚାର୍ଟାର୍ଡ ଫ୍ଲାଇଟ୍ ଖବରକୁ କୋହଲିଙ୍କ ଖଣ୍ଡନ

ବେଙ୍ଗାଲୁରୁ,(ଏଜେନ୍ସି): ଆଇପିଏଲ୍ ୨୦୨୬ ପୂର୍ବରୁ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ବ୍ୟାଟର୍ ବିରାଟ କୋହଲି ଲଣ୍ଡନ ଯିବା ଆସିବା ପାଇଁ ଚାର୍ଟାର୍ଡ ଫ୍ଲାଇଟ୍ ଦାବି କରିଥିବା ଖବରକୁ ଖଣ୍ଡନ କରିଛନ୍ତି। ସେ ଏହି ରିପୋର୍ଟକୁ ଗୁଜବ କହି ଇନ୍‌ଷ୍ଟାଗ୍ରାମ୍‌ରେ ହସୁଥିବା ଇମୋଜି ସହିତ ପ୍ରତିକ୍ରିୟା ଦେଇଛନ୍ତି। ଗତ କିଛିଦିନ ଧରି ଚର୍ଚ୍ଚା ଚାଲିଥିବା ଯେ କୋହଲି ଆର୍‌ସିବି ମ୍ୟାନେଜମେଣ୍ଟ ନିକଟରେ ଏକ ଖାସ୍ ସର୍ତ୍ତ ରଖିଛନ୍ତି। ଏହି ରିପୋର୍ଟ କୁହାଯାଇଥିଲା, ଯଦି ଦୁଇଟି ମ୍ୟାଚ୍ ମଧ୍ୟରେ ତିନିଦିନରୁ ଅଧିକ ବ୍ୟବଧାନ ରହେ, ତେବେ କୋହଲି ଚାର୍ଟାର୍ଡ ଫ୍ଲାଇଟ୍‌ରେ ଲଣ୍ଡନ ନିଜ ପରିବାର ପାଖକୁ ଯିବେ ଏବଂ ମ୍ୟାଚ୍ ପୂର୍ବରୁ ଫେରିଆସିବେ। ବିରାଟ କୋହଲି ଏପରି ଦାବି କରାଯାଇଥିବା ନ୍ୟୁଜ୍ ରିପୋର୍ଟର ସ୍କ୍ରୀନ୍‌ଶଟ୍ ନିଜ ଷ୍ଟୋରୀରେ ଶେୟାର କରିବା ସହିତ ଲାଫିଙ୍ଗ୍ ଇମୋଜି (ହସୁଥିବା ଇମୋଜି) ଲଗାଇଛନ୍ତି। କୋହଲି ଗତ କିଛି ସମୟ ହେବ ନିଜର ପରିବାର ସହିତ ଲଣ୍ଡନରେ ହିଁ ସମୟ କାଟୁଛନ୍ତି।

ଆଇପିଏଲ୍ ୨୦୨୬ ସିଜନ୍ ମାର୍ଚ୍ଚ ୨୮ ତାରିଖରୁ ଆରମ୍ଭ ହେବାକୁ ଥିବାବେଳେ ଡିଫେଣ୍ଡିଂ ଚାମ୍ପିଅନ୍ ଆର୍‌ସିବି ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଏହି ସିଜନ୍‌ରେ କୋହଲି କେତେକ ବଡ଼ କୀର୍ତ୍ତିମାନ ନିଜ ନାମରେ କରିପାରନ୍ତି। ଆଇପିଏଲ୍ ଇତିହାସରେ ସେ ୯ ହଜାର ରନ୍ ପୂରା କରିବା ଦ୍ୱାରଦେଶରେ ରହିଛନ୍ତି। କୋହଲିଙ୍କ ନାମରେ ୨୬୭ ମ୍ୟାଚ୍‌ରେ ୮,୬୬୧ ରନ୍ ରହିଛି। ଏହା ମଧ୍ୟରେ ୮ ଶତକ ଏବଂ ୬୩ ଅର୍ଦ୍ଧଶତକ ସାମିଲ। ଏହା ବ୍ୟତୀତ ସେ କୌଣସି ଏକ ଟି-୨୦ ଟିମ୍ (ଆର୍‌ସିବି) ପାଇଁ ୧୦ ହଜାର ରନ୍ (ଆଇପିଏଲ୍ ଏବଂ ଚାମ୍ପିଅନ୍ସ ଲିଗ୍) ପୂରା କରିବାରେ ବିଶ୍ୱର ପ୍ରଥମ ଖେଳାଳି ହୋଇପାରନ୍ତି। ଏବେ ତାଙ୍କ ନାମରେ ୨୮୨ ମ୍ୟାଚ୍‌ରେ ୯,୦୮୫ ରନ୍ ରହିଛି।

## ସ୍ୱପ୍ନ ମିଶା ବାସ୍ତବତା



ସ୍ୱପ୍ନ ଭରିଦିଏ ଜୀବନରେ ରଙ୍ଗ
ଆଣି ଦିଏ ସଫଳତା
ବିନା ପ୍ରଚେଷ୍ଟା ରେ ସପନ ଦେଖିବା
ସାର ହେବା ଲୋକହସା ।
ସୁବ୍ୟବସ୍ଥିତ ନିଷ୍ଠାପର ଭାବେ
ରଖି କର୍ମ ତତ୍ପରତା
ଭବିଷ୍ୟତ ପାଇଁ ସପନ ଦେଖିଲେ
ଯାଏ ନାହିଁ ଶ୍ରମ ବୃଥା ।
ସପନରେ ଯଦି ଜୀବନର ଲକ୍ଷ୍ୟ
ହୁଅଇ ପ୍ରତିଫଳିତ
ବାସ୍ତବତାର ଦୃଢ଼ ଦୁଆ ପରେ
ଜୀବନ ହୁଏ ନିର୍ମିତ।
ସ୍ୱପ୍ନ ବିନା ଏହି ଜୀବନ ଲାଗେନା
କେବେ ସରସ ସୁନ୍ଦର
ସ୍ୱପ୍ନ ଲେପି ଦିଏ ଶାନ୍ତିର ପ୍ରଲେପ
ସ୍ୱାଦ ଦିଏ ବିଜୟର ।
ସ୍ୱପ୍ନଫୁଲ ସବୁ କଷି ଧରିଲେ
ମିଳିଥାଏ ସଫଳତା
ସ୍ୱପ୍ନ ମିଶା ସଫଳତା ଅଟେ ସେହି
ଲୋଡ଼ା ହୁଏ କର୍ମ ନିଷ୍ଠା ।
ସ୍ୱପ୍ନ ପରିଭାଷା ହେଲେ ଲକ୍ଷ୍ୟ ପ୍ରାପ୍ତି
ଲୋଡ଼ା କର୍ମ ତତ୍ପରତା
କର୍ମରେ ଉନ୍ନତି ମିଳେ ସୁଖ ଶାନ୍ତି
ଜୀବନେ ଦିଏ ପ୍ରଚେଷ୍ଟା ।

**ବସନ୍ତ କୁମାର ପ୍ରଧାନ**
ହରିହରପୁର, ଛେଣ୍ଡିପଦା, ଅନୁଗୁଳ
ମୋ: ୭୭୩୫୬୧୧୪୮୪

## ଅପୂର୍ବ ଉଡ଼ାଣ

ସୁଦୂର ନୀଳିମା ବୁକୁରେ ସେ ଏକ
ଅଥକ ଯାତ୍ରୀର ଡେଣା,
ସାଗର ଲହରୀ ଉପରେ ତାର
ଜୟଯାତ୍ରା ଅଜଣା।
ନାହିଁ ଥକ୍କାପଣ, ନାହିଁ ଅବସାଦ
ନାହିଁ ଟିକେ ବିଶ୍ରାମ,
ଏଗାର ଦିନର ମାରାଥନ୍ ପଥେ
ଲେଖଇ ନିଜର ନାମ।
ଆଲାସ୍କା ଛାଡ଼ି ତାସମାନିଆରେ
ମାରେ ସେ ବିଜୟ ଟୀକା,
କୁନି ଦେହେ ତାର ସାହସ ଅମାପ
ପ୍ରକୃତିର ସେ ଯେ ଶିଖା।

**ଦେବସେନା ଅବନ୍ତିକା**
ଉତ୍ତମନଗର, ଖୋର୍ଦ୍ଧା

ଜାତୀୟ ଚେତନା
JATIYA CHETANA



# ବକ୍ସ ଅଫିସରେ 'ଧୁରନ୍ଧର-୨'ର ମହାଧମାକା

## ପ୍ରଥମ ଦିନରେ ହିଁ ଭାଙ୍ଗିଲା ସବୁ ପୁରୁଣା ରେକର୍ଡ




ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ ଏବଂ ରଣବୀର ସିଂଙ୍କ ଅଭିନୀତ ବହୁପ୍ରତିକ୍ଷିତ ଚଳଚ୍ଚିତ୍ର 'ଧୁରନ୍ଧର ୨: ପ୍ରତିଶୋଧ' ଭାରତୀୟ ସିନେମା ଜଗତରେ ଏକ ଅଭୂତପୂର୍ବ ଆଲୋଡ଼ନ ସୃଷ୍ଟି କରିଛି। ୧୯ ମାର୍ଚ୍ଚ ୨୦୨୬ରେ ପ୍ରେକ୍ଷାଳୟକୁ ଆସିଥିବା ଏହି ଚଳଚ୍ଚିତ୍ରଟି କେବଳ ଏକ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ବ୍ୟବସାୟିକ ସଫଳତାର ସବୁ ପୁରୁଣା ମାନଦଣ୍ଡକୁ ଭାଙ୍ଗି ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିଛି। ପ୍ରଥମ ଦିନରୁ ହିଁ ଏହା ବକ୍ସ ଅଫିସରେ ଯେଉଁଭଳି ଭାବେ କାୟା ବିସ୍ତାର କରିଛି, ତାହା ଭାରତୀୟ ଚଳଚ୍ଚିତ୍ର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ପ୍ରାୟ ୩ ଘଣ୍ଟା ୪୯ ମିନିଟର ଏହି ସୁଦୀର୍ଘ ଚଳଚ୍ଚିତ୍ରଟି ଦର୍ଶକଙ୍କୁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ନିଜ ଆସନରେ ବାନ୍ଧି ରଖିବାରେ ସଫଳ ହୋଇଛି, ଯାହା ଆଜିକାଲିର ସମୟରେ ଏକ କଠିନ କାର୍ଯ୍ୟ। ଏହାର ସଫଳତା ପଛରେ ରହିଛି ଏକ ସୁଦୃଢ଼ କାହାଣୀ, ଦମଦାର ଅଭିନୟ ଏବଂ ନିର୍ଦ୍ଦେଶକଙ୍କ ନିଖୁଣ କାରିଗରୀ।

ଏହି ଚଳଚ୍ଚିତ୍ରର ବ୍ୟବସାୟିକ ଯାତ୍ରା ପ୍ରକୃତରେ ପ୍ରଥମ ଦିନର ପ୍ରଦର୍ଶନ ପୂର୍ବରୁ ହିଁ ଆରମ୍ଭ ହୋଇଯାଇଥିଲା। ଅଗ୍ରୀମ ଟିକେଟ ବୁକିଂ କ୍ଷେତ୍ରରେ ଏହା ସାରା ଦେଶରେ ଏକ ପ୍ରକାର ଝଡ଼ ସୃଷ୍ଟି କରିଥିଲା। ପରିସଂଖ୍ୟାନ ଅନୁଯାୟୀ, ପ୍ରଥମ ଦିନର ମୁକ୍ତିଲାଭ ପୂର୍ବରୁ ଆୟୋଜିତ ବିଶେଷ ପ୍ରଦର୍ଶନ ବା ପ୍ରିଭ୍ୟୁ ଶୋ'ରୁ ହିଁ ଏହା ୪୩.୦୦ କୋଟି ଟଙ୍କାର ଆୟ କରିଥିଲା, ଯାହା ଯେକୌଣସି ଭାରତୀୟ ଚଳଚ୍ଚିତ୍ର ପାଇଁ ଏକ ବଡ଼ ରେକର୍ଡ। ଏହାପରେ ପ୍ରଥମ ଆନୁଷ୍ଠାନିକ ଦିନରେ ଏହି ଚଳଚ୍ଚିତ୍ରଟି ଭାରତୀୟ ବଜାରରୁ ପ୍ରାୟ ୧୦୨.୫୫ କୋଟି ଟଙ୍କାର ନିଟ୍ କଲେକ୍ସନ କରିଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏହି ବିଶାଳ ଅଙ୍କ କେବଳ ଗୋଟିଏ ଦିନରେ ସାରା ଦେଶର ୨୧,୭୨୮ଟି ପ୍ରଦର୍ଶନରୁ ସଂଗୃହୀତ ହୋଇଛି। ଭାଷାଭିତ୍ତିକ ରୋଜଗାରକୁ ଦେଖିଲେ, ହିନ୍ଦୀ ସଂସ୍କରଣ ସର୍ବାଧିକ ୯୯.୧୦ କୋଟି ଟଙ୍କା ସଂଗ୍ରହ କରିଥିବା ବେଳେ ତେଲୁଗୁ, ତାମିଲ, ମାଲାୟଲମ ଏବଂ କନ୍ନଡ ଭାଷାରେ ମଧ୍ୟ ଏହା ବେଶ୍ ଲାଭଦାୟକ ପ୍ରମାଣିତ ହୋଇଛି। ପ୍ରିଭ୍ୟୁ ଏବଂ ପ୍ରଥମ ଦିନର ଆୟକୁ ମିଶାଇ ଦେଖିଲେ, ଭାରତରେ ଏହାର ମୋଟ ନିଟ୍ ସଂଗ୍ରହ ୧୪୫.୫୫ କୋଟିରେ ପହଞ୍ଚିଛି, ଯାହା ଏହାକୁ ଭାରତର ଶ୍ରେଷ୍ଠ ପାଞ୍ଚଟି ବୃହତ ପ୍ରାରମ୍ଭିକ ବ୍ୟବସାୟ କରିଥିବା ଚଳଚ୍ଚିତ୍ର ତାଲିକାରେ ସାମିଲ କରିଛି।

କେବଳ ଭାରତ ନୁହେଁ, ବିଶ୍ୱସ୍ତରରେ ମଧ୍ୟ 'ଧୁରନ୍ଧର ୨' ନିଜର ବିଜୟ ପତାକା ଉଡ଼ାଇଛି। ବିଦେଶୀ ବଜାରରେ ଏହି ଚଳଚ୍ଚିତ୍ରଟି ପ୍ରାୟ ୧୦୦ କୋଟିରୁ ଅଧିକ ଟଙ୍କାର ବ୍ୟବସାୟ କରିଛି। ସାମଗ୍ରିକ ଭାବେ ବିଶ୍ୱବ୍ୟାପୀ ଏହାର ବ୍ୟବସାୟିକ ସଫଳତା ପ୍ରଥମ ସପ୍ତାହ ଶେଷ ସୁଦ୍ଧା ୨୫୦ କୋଟି ଟଙ୍କା ଅତିକ୍ରମ କରିବ ବୋଲି ଅନୁମାନ କରାଯାଉଛି।

ଏହି ସଫଳତା ମାଧ୍ୟମରେ ଏହା ବଲିଉଡର ଅନେକ ବଡ଼ ଚଳଚ୍ଚିତ୍ର ଯଥା 'ଜବାନ', 'ସଲାର', 'କଳ୍କି ୨୮୯୮ ଏଡି' ଏବଂ 'କେଜିଏଫ: ଚାପ୍ଟର ୨' ଭଳି ସିନେମାର ପ୍ରଥମ ଦିନର ରେକର୍ଡକୁ ଅତିକ୍ରମ କରିସାରିଛି। ଗୋଟିଏ ଦିନରେ ୧୦୦ କୋଟି ଆୟ ପାର କରିବାରେ ଏହା ସବୁଠାରୁ ଦ୍ରୁତତମ ଚଳଚ୍ଚିତ୍ର ଭାବେ ଉଭା ହୋଇଛି। କାହାଣୀ ଦୃଷ୍ଟିରୁ ଏହି ଚଳଚ୍ଚିତ୍ରଟି 'ଧୁରନ୍ଧର'ର ଏକ ଚମତ୍କାର ସିକ୍ୱେଲ ବା ପରବର୍ତ୍ତୀ ଭାଗ। ଏଥିରେ ଗୁପ୍ତଚର ବ୍ୟବସ୍ଥାର ରହସ୍ୟାବୃତ ଦୁନିଆ ଏବଂ ଲିଆରିର ଗଳିକନ୍ଦିରେ ପ୍ରତିଶୋଧର ନିଆଁକୁ ଅତି ଚମତ୍କାର ଭାବେ ଉପସ୍ଥାପନ କରାଯାଇଛି। ରେହମାନ ଡକାୟତର ମୃତ୍ୟୁ ପରେ ରଣବୀର ସିଂଙ୍କ ଚରିତ୍ର 'ହମଜା' କିଭଳି ଭାବେ ନିଜର ପତିଆରା ଜାହିର କରୁଛନ୍ତି ଏବଂ ପ୍ରତିଶୋଧର ଜ୍ୱାଳାରେ ନିଜକୁ ସଜେଇଛନ୍ତି, ତାହା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଛି। ରଣବୀର ସିଂଙ୍କ ଅଭିନୟରେ ଯେଉଁ ତୀବ୍ରତା ଏବଂ ଗମ୍ଭୀରତା ଦେଖିବାକୁ ମିଳିଛି, ତାହା ତାଙ୍କ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନ ବୋଲି କୁହାଯାଉଛି। ତାଙ୍କ ସହିତ ଅକ୍ଷୟ ଖାନ୍ନା, ସଞ୍ଜୟ ଦତ୍ତ, ଆର୍. ମାଧବନ, ଅର୍ଜୁନ ରାମପାଲ ଏବଂ ସାରା ଅର୍ଜୁନଙ୍କ ଭଳି ପ୍ରଭାବଶାଳୀ କଳାକାରଙ୍କ ସମାବେଶ ଚଳଚ୍ଚିତ୍ରଟିକୁ ଏକ ନୂତନ ଉଚ୍ଚତା ପ୍ରଦାନ କରିଛି। ସଞ୍ଜୟ ଦତ୍ତ ଏବଂ ଅକ୍ଷୟ ଖାନ୍ନାଙ୍କ ଚରିତ୍ରଗୁଡ଼ିକ କାହାଣୀରେ ଯେଉଁ ମୋଡ଼ ଆଣିଛନ୍ତି, ତାହା ଦର୍ଶକଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ଥିଲା। ନିର୍ଦ୍ଦେଶକ ଆଦିତ୍ୟ ଧର ପୁଣି ଥରେ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି। ସାମାଜିକ ଏବଂ ରାଜନୈତିକ ପ୍ରସଙ୍ଗକୁ ନେଇ ସେ ଯେଉଁ ସୁନ୍ଦର ଭାବେ ଆକ୍ସନ ଏବଂ ଡ୍ରାମାକୁ ସନ୍ନିବେଶିତ କରିଛନ୍ତି, ତାହା ପ୍ରଶଂସନୀୟ। ଚଳଚ୍ଚିତ୍ରଟିର ସଙ୍ଗୀତ, ଦୃଶ୍ୟ ସଜ୍ଜା ଏବଂ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏହାକୁ ବିଶ୍ୱସ୍ତରୀୟ କରିପାରିଛି। ବିଶେଷ କରି ଚଳଚ୍ଚିତ୍ରର ଦୀର୍ଘ ସମୟସୀମା ସତ୍ତ୍ୱେ କୌଣସି ବି ମୁହୂର୍ତ୍ତରେ ଏହା ଦର୍ଶକଙ୍କୁ ବିରକ୍ତ କରିନାହିଁ। 'ଧୁରନ୍ଧର ୨' କେବଳ ଏକ ବ୍ୟବସାୟିକ ସଫଳତା ନୁହେଁ, ବରଂ ଏହା ଭାରତୀୟ ସିନେମା ଜଗତରେ ଏକ ନୂତନ ବିପ୍ଳବ ଆଣିଛି। ଆଗାମୀ ଦିନରେ ଏହି ଚଳଚ୍ଚିତ୍ରଟି ଆଉ କେତେ ନୂଆ ରେକର୍ଡ ସୃଷ୍ଟି କରୁଛି, ତାହା ଦେଖିବା ବେଶ ରୋମାଞ୍ଚକର ହେବ। ଏବେକାର ରିପୋର୍ଟ ଅନୁସାରେ, ଏହାର ଦ୍ୱିତୀୟ ଏବଂ ତୃତୀୟ ଦିନର ବୁକିଂ ମଧ୍ୟ ପ୍ରଥମ ଦିନ ଭଳି ହିଁ ଦମଦାର ରହିଛି।

# 'କକଟେଲ ୨' ଫିଲ୍ମର ପ୍ରଥମ ପୋଷ୍ଟର ସାମ୍ନାକୁ ଆସିଲା

ବଲିଉଡ ଫିଲ୍ମ 'କକଟେଲ ୨'କୁ ନେଇ ଫ୍ୟାନ୍ସଙ୍କ ମଧ୍ୟରେ ଉତ୍ସାହ ବଢିବାରେ ଲାଗିଛି । ନିର୍ଦ୍ଦେଶକ ଫିଲ୍ମର ଫାଷ୍ଟ ଲୁକ୍ ସେୟାର କରିବା ସହିତ ଟିଜର ରିଲିଜ ସମ୍ପର୍କରେ ଅପଡେଟ୍ ଦେଇଛନ୍ତି । ଯେଉଁଥିରେ ଶାହିଦ କପୁର, ରଶ୍ମିକା ମନ୍ଦାନା ଏବଂ କ୍ରିତି ସାନନଙ୍କ ଫାଷ୍ଟ ଲୁକ୍ ଦେଖିବାକୁ ମିଳିଛି। ଯାହା ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଛି । ଏହି ଫିଲ୍ମ ପୋଷ୍ଟରରେ ଶାହିଦ କପୁର, ରଶ୍ମିକା ମନ୍ଦାନା ଏବଂ କ୍ରିତି ସାନନଙ୍କୁ ଏକ କାରରେ ସମୁଦ୍ର କୂଳରେ ନଜର ଆସିଛନ୍ତି। ଯାହା ଫିଲ୍ମର ମାହୋଲକୁ ମସ୍ତିରେ ଭରପୂର କରିଦେଇଥିଲା । ହୋମି ଆଦାଜାନିଆଙ୍କ ନିର୍ଦ୍ଦେଶିତ ଫିଲ୍ମର ଟିଜର ସମ୍ପର୍କରେ ମଧ୍ୟ ଏକ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି। ଫାଷ୍ଟ ଲୁକରେ ରଶ୍ମିକା ମଣ୍ଡାନ୍ନା ଏକ ଧଳା ଡ୍ରେସ୍ ଏବଂ ସନଗ୍ଲାସ୍ ପିନ୍ଧି ଏକ କାରରୁ ଭିଡିଓ ସୁଟିଂ କରୁଥିବାର ଦେଖିବାକୁ ମିଳିଛି । ଶାହିଦ କପୁର ଏକ ରଙ୍ଗୀନ ସାର୍ଟ ପିନ୍ଧିଛନ୍ତି ଏବଂ ତାଙ୍କ ପଛରେ ସୂର୍ଯ୍ୟ ଅସ୍ତ ହେଉଥିବା ନଜର ଆସିଛନ୍ତି । ସେହିପରି କ୍ରିତି ସାନନଙ୍କ ପାଦରେ ଏକ ଟାଟୁ ହୋଇଥିବାର ଦେଖିବାକୁ ମିଳିଛି । ଏହାରି ମଧ୍ୟରେ ତିନିଜଣ ପୋଷ୍ଟର ସେୟାର କରିବା ସହ ୧୮ ମାର୍ଚ୍ଚରେ ଥିଏଟର ଯିବାକୁ ସେୟାର କରିଥିବା ପୋଷ୍ଟରେ ଲେଖିଛନ୍ତି । ଯାହା ଦର୍ଶକଙ୍କ ଉତ୍ସାହକୁ ଦ୍ୱିଗୁଣିତ କରି ଦେଇଛି । ନିର୍ଦ୍ଦେଶକ ହୋମି ଆଦାଜାନିଆ ମଧ୍ୟ ପୋଷ୍ଟରଟି ସେୟାର କରି ଲେଖିଛନ୍ତି ଯେ, "କକଟେଲ୍ ୨" ଟିଜରର ଝଲକ କେବଳ ଥିଏଟରରେ ଦେଖିବାକୁ ମିଳିବ ।





# 'ସରକେ ଚୁନର' ଗୀତକୁ ନେଇ ବଢ଼ିଲା ଅଡୁଆ

ନୂତନ କନ୍ନଡ ଚଳଚ୍ଚିତ୍ର 'କେଡି ଦ ଡେଭିଲ' ମୁକ୍ତିଲାଭ କରିବା ପୂର୍ବରୁ ଏକ ବଡ଼ ବିବାଦର ଘେରକୁ ଆସିଯାଇଛି। ଚଳଚ୍ଚିତ୍ରର ଏକ ଗୀତ 'ସରକେ ଚୁନର ତେରି ସର୍କେ'ରେ ପ୍ରଦର୍ଶିତ ଅଶ୍ଳୀଳତା ଏବଂ ଅଶୋଭନୀୟତାକୁ ନେଇ ଦେଶବ୍ୟାପୀ ଜନ ଅସନ୍ତୋଷ ସୃଷ୍ଟି ହୋଇଥିବା ବେଳେ ଏବେ ଏହି ମାମଲାରେ ଜାତୀୟ ମହିଳା ଆୟୋଗ ନିଜ ଆଡୁ ହସ୍ତକ୍ଷେପ କରିଛନ୍ତି। ଆୟୋଗ ୧୯୯୦ ମସିହାର ନିର୍ଦ୍ଧାରିତ ଆଇନ ଅନୁଯାୟୀ ନିଜର ସ୍ୱତନ୍ତ୍ର କ୍ଷମତା ପ୍ରୟୋଗ କରି ଏହି ଘଟଣାକୁ ଅତି ଗୁରୁତ୍ୱର ସହ ଗ୍ରହଣ କରିଥିବା ଜଣାପଡ଼ିଛି।

ସାମାଜିକ ଗଣମାଧ୍ୟମରେ ଏହି ଗୀତଟି ପ୍ରସାରିତ ହେବା ପରେ ଏହାର ଶବ୍ଦ ସଂଯୋଜନା ଏବଂ ଚିତ୍ରାୟନକୁ ନେଇ ସାଧାରଣ ଜନତା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଗୀତର ପଦାବଳୀ ଭିନ୍ନ ଅର୍ଥ ପ୍ରକାଶ କରୁଥିବା ବେଳେ ଏହା ସାମାଜିକ ସୁନ୍ଦରତା ଓ ନୈତିକତାକୁ କ୍ଷୁଣ୍ଣ କରୁଥିବା ଅଭିଯୋଗ ହୋଇଛି। ଏହି ପ୍ରସଙ୍ଗକୁ ନେଇ ପୂର୍ବରୁ ଜାତୀୟ ମାନବାଧିକାର କମିଶନ ନୋଟିସ ଜାରି କରିସାରିଥିବା ବେଳେ, ଜଣେ ଆଇନଜୀବୀ ତଥା ସାମାଜିକ କର୍ମୀଙ୍କ ଅଭିଯୋଗ ଆଧାରରେ ଦିଲ୍ଲୀ ଆରକ୍ଷୀ ବାହିନୀର ସାଇବର ଶାଖାରେ ମଧ୍ୟ ମାମଲା ଦାୟର ହୋଇଛି। ଜାତୀୟ ମହିଳା ଆୟୋଗଙ୍କ ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଏହି ଗୀତର ବିଷୟବସ୍ତୁ ଅଶ୍ଳୀଳ ସଙ୍କେତରେ ପରିପୂର୍ଣ୍ଣ ଏବଂ ଏହା ଭାରତୀୟ ନ୍ୟାୟ ସଂହିତା ସମେତ ସୂଚନା ପ୍ରଯୁକ୍ତିବିଦ୍ୟା ଆଇନ ଓ ଶିଶୁ ସୁରକ୍ଷା ସମ୍ବନ୍ଧୀୟ କଠୋର ଆଇନର ଉଲ୍ଲଂଘନ କରୁଛି। ଏହି ପରିପ୍ରେକ୍ଷୀରେ ଆୟୋଗ ଅଭିନେତ୍ରୀ ନୋରା ଫତେହି, ଅଭିନେତା ସଞ୍ଜୟ ଦତ୍ତ, ଗୀତିକାର ରାକିବ ଆଲମ, ପ୍ରଯୋଜକ ଭେଙ୍କଟ କେ. ନାରାୟଣ ଏବଂ ନିର୍ଦ୍ଦେଶକ କିରଣ କୁମାରଙ୍କୁ ସମନ ଜାରି କରିଛନ୍ତି। ଆସନ୍ତା ୨୪ ତାରିଖ ଅପରାହ୍ନ ୧୨ଟା ୩୦ ମିନିଟ୍ ସମୟରେ ଏହି ସମସ୍ତ ଅଭିଯୁକ୍ତଙ୍କୁ ଆବଶ୍ୟକୀୟ ଦଲିଲ ସହ ଆୟୋଗଙ୍କ ସମ୍ମୁଖରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ନିର୍ଦ୍ଧାରିତ ସମୟରେ ସେମାନେ ଉପସ୍ଥିତ ନ ହୁଅନ୍ତି, ତେବେ ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆୟୋଗ ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ଚଳଚ୍ଚିତ୍ରଟି ଆସନ୍ତା ମାସରେ ପ୍ରେକ୍ଷାଳୟକୁ ଆସିବାକୁ ଥିବା ବେଳେ ଏହି ବିବାଦ ଏବେ ନିର୍ମାତା ଓ କଳାକାରଙ୍କ ପାଇଁ ବଡ଼ ସଙ୍କଟ ସୃଷ୍ଟି କରିଛି।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ